Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ　　نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ　　وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 19

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

The Weekly କାଦିଆନ
BADAR Qadian
ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 11 ମଇ 2017　11 ହିଜ୍ରତ୍ 1396 ହି.ଶ　14 ଶାବାନ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ମୁଁ ମସିହ୍ ଇବ୍‌ନେ ମରିୟମ୍‌ଙ୍କୁ ବହୁତ ସମ୍ମାନ କରୁଛି । କାରଣ ଆଧ୍ୟାତ୍ମିକତା ଦୃଷ୍ଟିରୁ ମୁଁ ହେଉଛି ଇସ୍‌ଲାମ୍‌ର 'ଖାତମୁଲ୍ ଖୁଲଫା' ଯେପରି ମସିହ୍ ଇବ୍‌ନେ ମରିୟମ୍ ଇସ୍‌ରାଇଲୀୟ ସିଲ୍‌ସିଲା ପାଇଁ ଖାତମୁଲ୍ ଖୁଲଫା ଥିଲେ । ମୁସାଙ୍କ ସିଲ୍‌ସିଲାରେ ଇବ୍‌ନେ ମରିୟମ୍ ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍) ଥିଲେ ଓ ମୁଁ ହେଉଛି ମୁହମ୍ମଦି ସିଲ୍‌ସିଲାର ମସିହ୍ । ତେଣୁ ମୁଁ ତାଙ୍କର ସମ୍ମାନ କରୁଅଛି ଯାହାଙ୍କ ନାମରେ ମୁଁ ନାମିତ । ଦୁଷ୍ଟ ଓ ମିଥ୍ୟାବାଦୀ ସେ ଯିଏ ମୋତେ କହୁଛି ମୁଁ ମସିହ୍ ଇବ୍‌ନେ ମରିୟମ୍‌ଙ୍କ ସମ୍ମାନ କରୁନାହିଁ ବୋଲି ।**

## ହଜରତ ମସିହ୍ ମଉଦ[ଆ.ସ]ଙ୍କ ନୀତି ବାଣୀ

ତୁମେ ନିଶ୍ଚିତ ରୂପେ ବୁଝିନିଅ ଯେ ଇସା ଇବ୍‌ନେ ମରିୟମ୍ ମରିଯାଇଛନ୍ତି ଓ କାଶ୍ମୀର ପ୍ରଦେଶର ଶ୍ରୀନଗର ମହଲ୍ଲା ଖାନିଆର୍‌ରେ[୧] ତାଙ୍କର କବର୍ ଅଛି । ଖୁଦାତାଲା ନିଜର ପବିତ୍ର ପୁସ୍ତକରେ ତାଙ୍କ ମୃତ୍ୟୁର ଖବର ଦେଇଛନ୍ତି । ଯଦି ଏହି ଆୟତର ଅନ୍ୟ କିଛି ଅର୍ଥ ଅଛି ତେବେ ଇବ୍‌ନେ ମରିୟମ୍‌ଙ୍କ ମୃତ୍ୟୁର ଖବର ପବିତ୍ର କୋରାନ୍‌ରେ କେଉଁଠି ଅଛି । ମୃତ୍ୟୁ ବିଷୟରେ ଯେଉଁ ଆୟତଗୁଡିକ ଅଛି ଯଦି ତାହାର ଅନ୍ୟ ଅର୍ଥ ଅଛି ଯେପରି ଆମ ବିରୋଧି ବୁଝୁଛନ୍ତି । ତା ଅର୍ଥ ପବିତ୍ର କୋରାନ୍ ତାଙ୍କ ମୃତ୍ୟୁ ବିଷୟରେ କେଉଁଠି ଚର୍ଚ୍ଚା କରିନାହିଁ ଯେ ସେ କେବେ ମରିବେ ବୋଲି ମଧ୍ୟ । ଖୁଦା ଆମ ନବୀଙ୍କର ମୃତ୍ୟୁର ଖବର ଦେଇଛନ୍ତି କିନ୍ତୁ ପୁରା କୋରାନ୍‌ରେ ଇସାଙ୍କ ମୃତ୍ୟୁର ଖବର ଦେଲେନାହିଁ ଏଥିରେ କଣ ଭେଦ ଅଛି ? ଯଦି କୁହ ଯେ ଇସାଙ୍କ ମୃତ୍ୟୁର ଏହି ଆୟତର ଖବର ଦିଆଯାଇଛି କି **ଫଲମ୍ମା ତଓଫଏତନି କୁନ୍‌ତା ଅନ୍‌ତର୍ ରକିବା ଆଲୈହିମ୍**[୨] । କିନ୍ତୁ ଏହି ଆୟତ ସ୍ୱଷ୍ଟ ପ୍ରମାଣ କରୁଛି ଯେ ସେ ଇସାଇମାନଙ୍କ ନଷ୍ଟ ହେବା ପୂର୍ବରୁ ମରିଯାଇଛନ୍ତି । ତେଣୁ ଯଦି ଏହି ଆୟତ (ଫଲମ୍ମା ତଓଫଏତନି)ର ଅର୍ଥ ସଶରୀର ଜୀବିତ ରୂପେ ଇସାଙ୍କୁ ଆକାଶକୁ ଉଠାଇ ନିଆଗଲା ତେବେ ଖୁଦା କାହିଁକି ଏପରି ବ୍ୟକ୍ତିଙ୍କ ମୃତ୍ୟୁ ବିଷୟରେ ସାରା କୋରାନ୍‌ରେ ବର୍ଣ୍ଣନା କଲେ ନାହିଁ ଯାହାଙ୍କ ଜୀବିତ ହେବାର ଆଶା ଲକ୍ଷ ଲକ୍ଷ ଲୋକଙ୍କୁ ନିଃଶେଷ କରିଦେଲା । ତା ଅର୍ଥ ଖୁଦା ତାଙ୍କୁ ସବୁଦିନ ଏଥିପାଇଁ ଜୀବିତ ରଖିଲେ ଯାହାଦ୍ୱାରା ଲୋକମାନେ ମୁଶ୍‌ରିକ୍ (ଅନେକେଶ୍ୱରବାଦ) ଏବଂ ବେଦୀନ୍ (ବିଧର୍ମି) ହୋଇଯାଆନ୍ତୁ । ଯେପରିକି ଏହା ଲୋକମାନଙ୍କର ଭୁଲ୍ ନଥିଲା ବରଂ ଖୁଦାତାଲା ଏହା ସବୁ ନିଜେ କରିଛନ୍ତି । ଫଳତଃ ଲୋକମାନଙ୍କୁ ଗୁମ୍‌ରାହ୍ (ପଥଭ୍ରଷ୍ଟ) କରାଇବେ । ଖୁବ୍ ମନେରଖ ଯେ ମସିହ୍‌ଙ୍କ ମୃତ୍ୟୁ ବିନା କୃଶ ବିଶ୍ୱାସର ମୃତ୍ୟୁ ହୋଇପାରିବ ନାହିଁ । ତେଣୁ କୋରାନ୍‌ର ଶିକ୍ଷା ବିରୁଦ୍ଧରେ ତାଙ୍କୁ ଜୀବିତ ବୋଲି ବିବେଚନା କରିବାରେ କି ଲାଭ ? ତାଙ୍କୁ ମରିବାକୁ ଦିଅ ଯଦ୍ୱାରା ଏ ଦୀନ୍ (ଇସ୍‌ଲାମ୍) ଜୀବିତ ହେବ । ଅଲ୍ଲାଃତାଲା ତାଙ୍କ ବାକ୍ୟ ଦ୍ୱାରା ମସିହ୍‌ଙ୍କ ମୃତ୍ୟୁ ସ୍ୱଷ୍ଟ କଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ମେରାଜ୍‌ର ରାତିରେ ତାଙ୍କୁ ମୃତ ବ୍ୟକ୍ତିଙ୍କ ଗହଣରେ ଦେଖିଥିଲେ । ତେବେ ମଧ୍ୟ ତୁମେ ମାନୁନାହଁ । ଏହା କି ପ୍ରକାରର ବିଶ୍ୱାସ । କଣ ଲୋକଙ୍କ କଥାକୁ ଅଲ୍ଲାଃଙ୍କ କଲାମ୍ (ବାଣୀ) ଉପରେ ପ୍ରାଧାନ୍ୟ ଦେଉଅଛ ? ଏହା କିପରି ଦୀନ[୩] ? ଏବଂ ଆମ ରସୁଲ ସ:ଆ:ସ କେବଳ ଏ ସାକ୍ଷୀ ଦେଲେ ନାହିଁ ଯେ ମୁଁ ମୃତ ଲୋକଙ୍କ ଗହଣରେ ଇସାଙ୍କୁ ଦେଖିଥିଲି ବୋଲି ବରଂ ନିଜେ ମରିକରି ସ୍ୱଷ୍ଟ କରିଦେଲେ ଯେ ଏହା ପୂର୍ବରୁ କେହି ଜୀବିତ ନାହାଁନ୍ତି । ତେଣୁ ଆମ ବିରୋଧି ଯେପରି କୋରାନ୍‌କୁ ଛାଡୁଛନ୍ତି ସେହିପରି ସୁନ୍ନତ୍‌କୁ ମଧ୍ୟ ପରିତ୍ୟାଗ କରୁଛନ୍ତି କାରଣ ମରିବା ଆମ ନବୀଙ୍କ ସୁନ୍ନତ୍ ଅଟେ । ଯଦି ଇସା ଜୀବିତ ଥିଲେ ତେବେ

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଆମ ରସୁଲଙ୍କ ମୃତ୍ୟୁରେ ଏକ ପ୍ରକାର ବେଇଜତି ଥିଲା ତେଣୁ ତୁମେ ସେ ପର୍ଯ୍ୟନ୍ତ ଅହଲେ ସୁନ୍ନତ ନୁହଁ କି ଅହ୍‌ଲେ କୁରଆନ୍ ନୁହଁ, ଯେପର୍ଯ୍ୟନ୍ତ ଇସାଙ୍କ ମୃତ୍ୟୁକୁ ସ୍ୱୀକାର ନ କରିଛ । ଏବଂ ମୁଁ ହଜ୍‌ରତ୍ ଇସା ଆ:ସଙ୍କ ପ୍ରତିଷ୍ଠାକୁ ଅସ୍ୱୀକାର କରୁନାହିଁ । କିନ୍ତୁ ଖୁଦାତାଲା ମତେ ଖବର ଦେଇଛନ୍ତି ଯେ ମୁହମ୍ମଦଙ୍କ ମସିହ୍ ମୁସାଙ୍କ ମସିହ୍‌ଠାରୁ ଉତମ ଅଟନ୍ତି । କିନ୍ତୁ ତଥାପି ମଧ ମୁଁ ମସିହ୍ ଇବ୍‌ନେ ମରିୟମ୍‌ଙ୍କର ବହୁତ ସମ୍ମାନ କରୁଛି କାରଣ ମୁଁ ହେଉଛି ଆଧ୍ୟାତ୍ମିକତା ଦୃଷ୍ଟିରୁ ଇସ୍‌ଲାମ୍‌ରେ ଖାତମୁଲ୍ ଖୁଲଫାଅ । ଯେପରି ମସିହ୍ ଇବ୍‌ନେ ମରିୟମ୍ ଇସ୍‌ରାଇଲି ସିଲ୍‌ସିଲା ନିମନ୍ତେ ଖାତମୁଲ୍ ଖୁଲଫାଅ ଥିଲେ । ମୁସାଙ୍କ ସିଲ୍‌ସିଲାରେ ଇବ୍‌ନେ ମରିୟମ୍ ମସିହ୍ ମଉଦ୍ ଥିଲେ ଏବଂ ମୁହମ୍ମଦି ସିଲ୍‌ସିଲାରେ ମୁଁ ହେଉଛି ମସିହ୍ ମଉଦ୍ । ତେଣୁ ତାଙ୍କର ମୁଁ ସମ୍ମାନ କରୁଅଛି ଯାହାଙ୍କ ନାମରେ ମୁଁ ନାମିତ । ସେ ବ୍ୟକ୍ତି ଦୁଷ୍ଟ ଓ ମିଥ୍ୟାବାଦୀ ଅଟେ ଯିଏ ମୋତେ କହୁଛି ଯେ ମୁଁ ମସିହ୍ ଇବ୍‌ନେ ମରିୟମ୍‌ଙ୍କ ସମ୍ମାନ କରୁନାହିଁ ବୋଲି । ବରଂ ମୁଁ ମସିହ୍‌ଙ୍କୁ ସହିତ ତାଙ୍କ ଚାରି ଭାଇଙ୍କର ମଧ ସମ୍ମାନ କରୁଛି[୪] । କାରଣ ପାଂଚଜଣଜାକ ଗୋଟିଏ ମାର ସନ୍ତାନ ଅଟନ୍ତି । କେବଳ ଏତିକି ନୁହେଁ ବରଂ ମୁଁ ତ ହଜ୍‌ରତ୍ ମସିହ୍‌ଙ୍କ ଦୁଇଜଣ ଭଉଣୀଙ୍କୁ ମଧ ପବିତ୍ର ବିବେଚନା କରୁଛି । କାରଣ ଏମାନେ ସବୁ ଚରିତ୍ରବାନ ମହନୀୟା, ସମ୍ମାନୀୟା ମରିୟମ୍‌ଙ୍କ ଗର୍ଭରୁ ଜାତ । ମରିୟମ୍‌ଙ୍କ ଗରିମା ଏପରି ଯେ ସେ ଏକ ଅବଧି ପର୍ଯ୍ୟନ୍ତ ନିଜକୁ ନିକାହ (ବିବାହ) ରୁ ରୋକି ରଖିଲେ । ପୁଣି ଗୋଷ୍ଠୀର ସମ୍ମାନୀୟ ବ୍ୟକ୍ତିମାନଙ୍କ ନିବେଦନରେ ଗର୍ଭାବସ୍ଥାରେ ବିବାହ କଲେ । ଲୋକମାନଙ୍କର ଆପତି ଓ ଅଭିଯୋଗ ଯେ ତୌରାତ୍ ଶିକ୍ଷାର ବିପରୀତ ଗର୍ଭାବସ୍ଥାରେ କାହିଁକି ନିକାହ କରାଗଲା ଓ କୁମାରୀତ୍ୱର ପ୍ରତିଶୃତିକୁ କାହିଁକି ବିନା କାରଣରେ ଭାଙ୍ଗି ଦିଆଗଲା ଏବଂ ବହୁପତ୍ନୀକ ପ୍ରଥାର ମୂଳଦୁଆ କାହିଁକି ରଖାଗଲା । ଅର୍ଥାତ୍ ୟୁସୁଫ ନଯାରଙ୍କ ପ୍ରଥମ ପତ୍ନୀ ଥିବା ସତ୍ୱେ ମରିୟମ୍ କାହିଁକି ୟୁସୁଫ ନଯାରଙ୍କୁ ବିବାହ କଲେ । କିନ୍ତୁ ମୁଁ କହୁଛି ଯେ ଯାହା ସବୁ ଘଟିଗଲା ତାହା ସବୁ ମଜ୍‌ବୁରି ଥିଲା । ଏପରି ଅବସ୍ଥାରେ ସେମାନେ ଦୟାର ପାତ୍ର ଅଟନ୍ତି, ଆକ୍ଷେପର ପାତ୍ର ନୁହେଁ । (କଶ୍‌ତିନୁହ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୧୬-୧୮)

(୧) ଇସାଇ ଗବେଷକମାନେ ଏହି ରାଏକୁ ସ୍ପଷ୍ଟ କରିଛନ୍ତି ଦେଖନ୍ତୁ ପୁସ୍ତକ ସୁପର୍ ନାଚୁରାଲ୍ ରିଲିଜିଅନ୍ ପୃଷ୍ଠା-୫୨୨ । ଯଦି ବିବରଣୀ ଚାହୁଁଛନ୍ତି ତେବେ ଆମ ପୁସ୍ତକ ତୋହଫା ଗୋଲଡ଼ିଆର ପୃଷ୍ଠା-୧୩୯ ଦେଖନ୍ତୁ । -ଲେଖକ-

(୨) ଏହି ଆୟତରୁ ଜଣାପଡୁଛି ଯେ ହଜ୍‌ରତ୍ ଇସା ଆ:ସ ପୁଣି ଦୁନିଆକୁ ଆସିବେ ନାହିଁ । କାରଣ ଯଦି ସେ ଦୁନିଆକୁ ଆସିଥାନ୍ତେ ତେବେ ଏପରି ଅବସ୍ଥାରେ ତାଙ୍କର ଉତର କେବଳ ମିଛି ହୋଇଥାନ୍ତା ଯେ ଇସାଇମାନଙ୍କ ନଷ୍ଟ ହୋଇଯିବାର କୌଣସି ଖବର ମୋ ପାଖରେ ନାହିଁ । ଯେଉଁ ବ୍ୟକ୍ତି ଦ୍ୱିତୀୟ ଥର ଦୁନିଆକୁ ଆସିଲେ ଏବଂ ୪୦ ବର୍ଷ ବିତାଇଲେ, କୋଟି କୋଟି ଇସାଇଙ୍କୁ ଦେଖିଲେ ଯିଏ ତାଙ୍କୁ ଖୁଦା ବୋଲି ଜାଣୁଥିଲେ ଓ କ୍ରୁଶ ଭାଙ୍ଗିଲେ ଓ ସବୁ ଇସାଇଙ୍କୁ ମୁସଲ୍‌ମାନ୍ କଲେ, ସେ କାହିଁକି କୟାମତ୍ ଦିନ ଅଲ୍ଲାଃଙ୍କ ନିକଟରେ କ୍ଷମା ଭିକ୍ଷା କରିଥାନ୍ତେ ଯେ ମୋତେ ଇସାଇଙ୍କ ନଷ୍ଟ ହେବାର କୌଣସି ଖବର ନାହିଁ । -ଲେଖକ-

(୩) କୋରାନ୍ ଶରିଫ୍ ଗୋଟିଏ ଆୟତରେ ସମ୍ପୂର୍ଣ୍ଣ ରୂପେ କାଶ୍ମୀର୍ ଆଡ଼କୁ ଇଙ୍ଗିତ କରିଛି ଯେ ମସିହ୍ ଏବଂ ତାଙ୍କର ମାତା କ୍ରୁଶ ଘଟଣା ପରେ କାଶ୍ମୀର ଚାଲିଯାଇଥିଲେ । ଯେପରି ଅଲ୍ଲାଃତାଲା କହୁଛନ୍ତି **ୱ ଆୱେଇନାହୁମା ଇଲା ରବ୍‌ୱତିନ୍ ଜାତା କରାରିଙ୍‌ ୱ ମଇନ୍** ଅର୍ଥାତ୍ ଆମ୍ଭେ ଇସା ଓ ତାଙ୍କ ମା ଙ୍କୁ ଏପରି ଏକ ମୁଣ୍ଡିଆରେ ଆଶ୍ରୟ ଦେଲୁ ଯାହା ବିଶ୍ରାମର ସ୍ଥାନ ଥିଲା ଏବଂ ପରିଷ୍କାର ପାଣି ଅର୍ଥାତ୍ ସେଠାରେ ଝରଣା ପାଣି ଥିଲା । ତେଣୁ ଏଥିରେ ଅଲ୍ଲାଃତାଲା କାଶ୍ମୀରର ନକ୍ସା ଟାଣିଛନ୍ତି । ଆୱା ଶବ୍ଦର ଅର୍ଥ ଆରବୀ ଅବିଧାନରେ କୌଣସି ବିପତି ବା କଷ୍ଟରୁ ବଂଚାଇବା ପାଇଁ ହୋଇଥାଏ । କ୍ରୁଶ ପୂର୍ବରୁ ଇସା ଏବଂ ତାଙ୍କ ମା ଙ୍କ ଉପରେ ଏପରି କୌଣସି ବିପତିର ସମୟ ଆସିଥିଲା ଯେ ସେଥିରୁ ତାଙ୍କୁ ଆଶ୍ରୟ ଦିଆଯାଇଥାନ୍ତା । ତେଣୁ ନିଶ୍ଚିତ ହେଲା ଯେ ଖୁଦାତାଲା ଇସା ଓ ତାଙ୍କ ମାଙ୍କୁ କ୍ରୁଶ ଘଟଣା ପରେ ସେହି ମୁଣ୍ଡିଆରେ ପହଂଚାଇଥିଲେ । ଇସୁ ମସିହ୍‌ଙ୍କର ୪ଜଣ ଭାଇ ଓ ୨ଜଣ ଭଉଣୀ ଥିଲେ । ଏମାନେ ସମସ୍ତେ ଇସୁଙ୍କର ନିଜ ଭାଇ ଓ ଭଉଣୀ । ଅର୍ଥାତ୍ ସମସ୍ତେ ୟୁସୁଫ୍ ଓ ମରିୟମ୍‌ଙ୍କର ସନ୍ତାନ ଥିଲେ । ୪ ଭାଇଙ୍କର ନାମ -ୟହୁଦା, ୟାକୁବ, ଶମୁନ୍ ଓ ୟୁଜସ୍ ଏବଂ ୨ଜଣ ଭଉଣୀଙ୍କର ନାମ-ଆସିୟା ଓ ଲିଦିଆ । ଦେଖନ୍ତୁ ପୁସ୍ତକ ପାସ୍ତୋଲିକ୍ ରିକାର୍ଡ଼ସ୍, ଲେଖକ-ପାଦ୍ରୀ ଜନ୍ ଇଲନ୍ ଗାଏଲଜ୍, ମୁଦ୍ରଣ ଲଣ୍ଡନ୍-୧୮୮୬, ପୃଷ୍ଠା-୧୫୯,୧୬୬ । -ଲେଖକ-

• • • • • • • • • • • • • •

## ଦୁଆ ଦରଖାସ୍ତ

ମୋକରମ୍ ମୁହମ୍ମଦ୍ ବଶିର୍ ସାହେବ୍ ସୁପୁତ୍ର ମୋକରମ୍ ମୁହମ୍ମଦ୍ ମନ୍‌ସୁର୍ ସାହେବ ଯମାତ୍ ଅହେମଦୀୟା ପଙ୍କାଲ ନିବାସୀ ଦରଖାସ୍ତ କରି କହୁଛନ୍ତି ଯେ ବଦରର ପାଠକ ପାଠିକା ଦୁଆ କରନ୍ତୁ ଅଲ୍ଲାଃତାଲା ମୋ ପରିବାରର ସମସ୍ତ ବ୍ୟକ୍ତିଙ୍କୁ ନିରୋଗୀ ଓ ସୁସ୍ଥ ରଖନ୍ତୁ । ପିଲାମାନଙ୍କୁ ଦୀନ୍ ଓ ଦୁନିଆରେ ଉନ୍ନତି ପ୍ରଦାନ କରନ୍ତୁ । ପ୍ରତ୍ୟେକ କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ ଓ ଘରର ସମସ୍ତ ବିଶୃଙ୍ଖଳାକୁ ଦୂରେଇ ଦିଅନ୍ତୁ । ଆମିନ୍ !

• • • • • • • • • • • •

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

• • • • • • • • • • • •

# ଖୁତ୍‌ବା ଜୁମା

♦ ହଜରତ ମସିହ ମଉଦ ଆ.ସଙ୍କର ବିରୁଦ୍ଧାଚରଣ ସେତେବେଳଠାରୁ ହୋଇ ଆସୁଅଛି ଯେତେବେଳେ କି ଜମାଅତର ସ୍ଥାପନ ମଧ୍ୟ ହୋଇନଥିଲା ନା ହଜୁର ଲୋକମାନଙ୍କ ବୟତ ନେବା ଆରମ୍ଭ କରିଥିଲେ । ତଥାପି ମୁସଲମାନ ଓ ଅଣମୁସଲମାନମାନେ ଆପଣଙ୍କ ବିରୁଦ୍ଧାଚରଣରେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିଦେଇଥିଲେ ଏବଂ ଏପର୍ଯ୍ୟନ୍ତ କରିଚାଲିଛନ୍ତି । ଆଜି ଏହି କାର୍ଯ୍ୟରେ ସବୁଠାରୁ ଆଗରେ ମୁସଲମାନମାନେ ରହିଛନ୍ତି କିନ୍ତୁ ଅଲ୍ଲାଃତାଲା ଆପଣଙ୍କ ଜମାଅତକୁ ଉନ୍ନତି ପ୍ରଦାନ କରିଚାଲିଛନ୍ତି । ବର୍ତମାନ ସୁଧା ୨୦୯ଗୋଟି ଦେଶରେ ଜମାଅତ ଭିତି ସ୍ଥାପନ ହୋଇସାରିଲାଣି । ବିଶେଷ କରି ମୁସଲମାନ ଦେଶମାନଙ୍କରେ ଯେଉଁଠାରେ କି ଜମାଅତ ପ୍ରତି ଲୋକେ ଅଧିକ ଧ୍ୟାନ ଦେଇଥାନ୍ତି ସେଠାରେ ଯୋଜନା ବଦ୍ଧ ଭାବରେ ଜମାଅତର ବିରୁଦ୍ଧାଚରଣ ହୋଇଥାଏ । କେତେକ ରାଜନେତା, ମୌଲବି ଏବଂ ସେମାନଙ୍କ ଦ୍ୱାରା ପ୍ରଭାବିତ ସରକାରୀ କର୍ମଚାରୀବୃନ୍ଦ ଏପରିକି, ଅଦାଲତର ଜଜ୍‌ମାନେ ମଧ୍ୟ ଏହି ବିରୁଦ୍ଧାଚରଣରେ ଅଂଶ ଗ୍ରହଣ କରିଥାନ୍ତ ।

♦ ଆଜିକାଲି ଉପଦ୍ୱୀପମାନଙ୍କରେ ରହୁଥିବା ଅହେମଦିମାନଙ୍କ ଉପରେ ଅନେକ ଅତ୍ୟାଚାର କରାଯାଉଅଛି । ସେଠାକାର ଜଜ୍ ତଥା ସରକାରୀ କର୍ମଚାରୀମାନେ ମଧ୍ୟ କହୁଛନ୍ତି କି ଯଦି ତୁମେ କହି ଦିଅ କି ହଜରତ ମିର୍ଜା ଗୁଲାମ ଅହେମଦ୍ କାଦିଆନୀଙ୍କର ଘୋଷଣା ମିଥ୍ୟା ଅଟେ ଏବଂ ସେ ପ୍ରତିଶୃତ ମସିହ ନୁହନ୍ତି ବରଂ (ନଉଜୁବିଲ୍ଲାଃ) ଇସଲାମ ବିରୋଧି ଶକ୍ତିମାନଙ୍କର ଏଜେଣ ତଥା ଇସଲାମ ବିରୋଧି ଶକ୍ତି ଓ ପାଶ୍ଚାତ୍ୟ ଦେଶମାନଙ୍କର ପୃଷ୍ଟପୋଷକତା ତାଙ୍କୁ ହାସଲ ଥିଲା ଓ ଇଂଗ୍ରେଜମାନେ ହିଁ ତାଙ୍କୁ ଛିଡ଼ା କରିଥିଲେ । ତେବେ ଆମେ ତୁମକୁ ଛାଡ଼ି ଦେବୁ ନଚେତ୍ ଜେଲ୍ ଓ ଜୋରିମନା ଦଣ୍ଡ ନିମନ୍ତେ ପ୍ରସ୍ତୁତ ରୁହ । ଏପରି ଅନ୍ୟାୟ ବିଚାର କରି ଅହେମଦିମାନଙ୍କୁ ଜେଲ୍‌ରେ ବନ୍ଦି କରାଯାଉଅଛି ତଥା ବଡ଼ ଧରଣର ଜୋରିମନା ଲଗାଯାଉଛି । ସେହି ନିରୀହ ଓ ଅତ୍ୟାଚାରିତମାନଙ୍କ ପାଇଁ ଆମକୁ ଦୁଆ କରିବା ଆବଶ୍ୟକ । ଅଲ୍ଲାଃତାଲା ସେମାନଙ୍କ ବିଶ୍ୱାସକୁ ସୁଦୃଢ କରନ୍ତୁ ।

♦ ଜମାଅତ ବିରୁଦ୍ଧରେ ଯେଉଁ ସଡ଼ଯନ ବିରୁଦ୍ଧାଚରଣ ହେଉଛି ତାହା ନା ପୂର୍ବେ ଆମର କୌଣସି କ୍ଷତି କରିଥିଲା ନା ଭବିଷ୍ୟତରେ କିଛି କ୍ଷତି କରିପାରିବ (ଇନଶା ଅଲ୍ଲାଃ) । ଅଲ୍ଲାଃଙ୍କ ସାହାର୍ଯ୍ୟ ଓ ଅନୁକମ୍ପାର ହାତ ହଜରତ ମସିହ ମଉଦ ଆ.ସଙ୍କ ସହ ସର୍ବଦା ରହିଛି ଏବଂ ଆମେ ସର୍ବଦା ଦେଖୁଛୁ ଯେ ଶତ୍ରୁ ଅପମାନିତ, ନିନ୍ଦିତ ଓ କ୍ଷତିଗ୍ରସ୍ତ ହେଉଅଛି ଏବଂ ଭବିଷ୍ୟତରେ ମଧ୍ୟ ହେଉଥିବ । ହଜୁର ଅନଓର ଅ.ବ କହିଲେ- ଯେଉଁ ସ୍ଥାନରେ ବିରୁଦ୍ଧାଚରଣ ହୋଇଥାଏ, ସେଠାରେ ଆମର ପ୍ରଚାରର ମାର୍ଗ ମଧ୍ୟ ସମତୁଲ ହୋଇଯାଏ ।

♦ ଶ୍ରୀମାନ ହାଜି ଲୋସ୍ ଫ୍ରେନ୍ ହେନସନ୍ ସାହେବଙ୍କର ମୃତ୍ୟୁ ଯେ କି ଜଣେ ଡ଼େନିସ ଅହେମଦି ଥିଲେ ଏବଂ ତାଙ୍କ ଉତମ ଚରିତ୍ର ଓ ସେବାର ଚର୍ଚ୍ଚା ଏବଂ ତାଙ୍କର ଯନାଜାଃ ଗାଏବ୍ ପାଠ ।

## ଖୁତ୍‌ବା ଜୁମାଃ ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତଃ ୩୧ ମାର୍ଚ୍ଚ ୨୦୧୭ ଅନୁଯାୟୀ ୩୧ ଅମାନ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ - بِسْمِ اللهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ.

اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅଃବ କହିଲେ-ହଜରତ ମସିହ ମଉଦ ଆ.ସଙ୍କର ବିରୁଦ୍ଧାଚରଣ ସେତେବେଳଠାରୁ ହୋଇ ଆସୁଅଛି ଯେତେବେଳେ କି ଜମାଅତର ସ୍ଥାପନ ମଧ୍ୟ ହୋଇନଥିଲା ନା ହଜୁର ଲୋକମାନଙ୍କ ବୟତ ନେବା ଆରମ୍ଭ କରିଥିଲେ । ତଥାପି ମୁସଲମାନ ଓ ଅଣମୁସଲମାନମାନେ ଆପଣଙ୍କ ବିରୁଦ୍ଧାଚରଣରେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିଦେଇଥିଲେ ଏବଂ ଏପର୍ଯ୍ୟନ୍ତ କରିଚାଲିଛନ୍ତି । ଆଜି ଏହି କାର୍ଯ୍ୟରେ ସବୁଠାରୁ ଆଗରେ ମୁସଲମାନମାନେ ରହିଛନ୍ତି କିନ୍ତୁ ଅଲ୍ଲାଃତାଲା ଆପଣଙ୍କ ଜମାଅତକୁ ଉନ୍ନତି ପ୍ରଦାନ କରିଚାଲିଛନ୍ତି । ବର୍ତମାନ ସୁଧା ୨୦୯ଗୋଟି ଦେଶରେ ଜମାଅତ ଭିତି ସ୍ଥାପନ ହୋଇସାରିଲାଣି । ବିଶେଷ କରି ମୁସଲମାନ ଦେଶମାନଙ୍କରେ ଯେଉଁଠାରେ କି ଜମାଅତ ପ୍ରତି ଲୋକେ ଅଧିକ ଧ୍ୟାନ ଦେଇଥାନ୍ତି ସେଠାରେ ଯୋଜନା ବଦ୍ଧ ଭାବରେ ଜମାଅତର ବିରୁଦ୍ଧାଚରଣ ହୋଇଥାଏ । କେତେକ ରାଜନେତା, ମୌଲବି ଏବଂ ସେମାନଙ୍କ ଦ୍ୱାରା ପ୍ରଭାବିତ ସରକାରୀ କର୍ମଚାରୀବୃନ୍ଦ ଏପରିକି, ଅଦାଲତର ଜଜ୍‌ମାନେ ମଧ୍ୟ ଏହି ବିରୁଦ୍ଧାଚରଣରେ ଅଂଶ ଗ୍ରହଣ କରିଥାନ୍ତି ।

ଆଜିକାଲି ଉପଦ୍ୱୀପମାନଙ୍କରେ ରହୁଥିବା ଅହେମଦିମାନଙ୍କ ଉପରେ ଅନେକ ଅତ୍ୟାଚାର କରାଯାଉଅଛି । ସେଠାକାର ଜଜ୍ ତଥା ସରକାରୀ କର୍ମଚାରୀମାନେ ମଧ୍ୟ କହୁଛନ୍ତି କି ଯଦି ତୁମେ କହି ଦିଅ କି ହଜରତ ମିର୍ଜା ଗୁଲାମ ଅହେମଦ୍ କାଦିଆନୀଙ୍କର ଘୋଷଣା ମିଥ୍ୟା ଅଟେ ଏବଂ ସେ ପ୍ରତିଶୃତ ମସିହ ନୁହନ୍ତି ବରଂ (ନଉଜୁବିଲ୍ଲାଃ) ଇସଲାମ ବିରୋଧି ଶକ୍ତିମାନଙ୍କର ଏଜେଣ ତଥା ଇସଲାମ ବିରୋଧି ଶକ୍ତି ଓ ପାଶ୍ଚାତ୍ୟ ଦେଶମାନଙ୍କର ପୃଷ୍ଟପୋଷକତା ତାଙ୍କୁ ହାସଲ ଥିଲା ଓ ଇଂଗ୍ରେଜମାନେ ହିଁ ତାଙ୍କୁ ଛିଡ଼ା କରିଥିଲେ । ତେବେ ଆମେ ତୁମକୁ ଛାଡ଼ି ଦେବୁ ନଚେତ୍ ଜେଲ୍ ଓ ଜୋରିମନା ଦଣ୍ଡ ନିମନ୍ତେ ପ୍ରସ୍ତୁତ ରୁହ । ଏପରି ଅନ୍ୟାୟ ବିଚାର କରି ଅହେମଦିମାନଙ୍କୁ ଜେଲ୍‌ରେ ବନ୍ଦି କରାଯାଉଅଛି ତଥା ବଡ଼ ଧରଣର ଜୋରିମନା ଲଗାଯାଉଛି । ସେହି ନିରୀହ ଓ ଅତ୍ୟାଚାରିତମାନଙ୍କ ପାଇଁ ଆମକୁ ଦୁଆ କରିବା ଆବଶ୍ୟକ । ଅଲ୍ଲାଃତାଲା ସେମାନଙ୍କ ବିଶ୍ୱାସକୁ ସୁଦୃଢ କରନ୍ତୁ

ସେହିପରି ପାକିସ୍ତାନର ଅହେମଦିମାନଙ୍କୁ ମଧ୍ୟ ନିଜ ଦୁଆରେ ମନେରଖିବେ ସେଠାରେ ମଧ୍ୟ ଯୋଜନାବଦ୍ଧ ଭାବରେ ଅହେମଦିମାନଙ୍କ ଉପରେ ଅତ୍ୟାଚାର କରାଯାଉଅଛି । ମୁସଲମାନ ଦେଶମାନଙ୍କରେ ଯେଉଁ ବିଭ୍ରାଟ ଦେଖିବାକୁ ମିଳୁଅଛି ଓ ଗୋଟିଏ ମୁସଲମାନ ରାଷ୍ଟ୍ର ଅନ୍ୟ ମୁସଲମାନ

ରାଷ୍ଟ୍ର ସହ ଯେଉଁ ପ୍ରକାର ସମ୍ପର୍କ ରଖୁଛନ୍ତି ଜଣେ ଜ୍ଞାନବନ୍ତ ମଣିଷ ଏସବୁ ଲକ୍ଷ କରି ବୁଝିବା ପାଇଁ ଯଥେଷ୍ଟ ଏବଂ ଚିନ୍ତା କରିବା ଉଚିତ୍ ଯେ, ଅଲ୍ଲାଃତାଲା ନିଜ ପ୍ରତିଶୃତୀ ମୁତାବକ ଇସଲାମର ସୁଧାର ନିମନ୍ତେ ଯାହାଙ୍କୁ ପ୍ରେରଣ କରିବାର ଥିଲା ତଥା ହଜରତ ମହମ୍ମଦ ସ.ଆ ନିଜର ଯେଉଁ ସଚ୍ଚୋଟ ଦାସଙ୍କ ଆଗମନର ଭବିଷ୍ୟବାଣୀ କରିଥିଲେ (ମୁସଲମାନମାନେ) ତାହାଙ୍କୁ ଖୋଜିବା ଉଚିତ୍ । ଯେତେବେଳେ କି ହଜରତ ମହମ୍ମଦ ସ.ଆ ପ୍ରତିଶୃତ ମସିହଙ୍କ ସମ୍ପର୍କରେ ଯେଉଁ ନିଦର୍ଶନମାନ ଦର୍ଶାଇ ଥିଲେ ସେସବୁ ପୂରଣ ହୋଇ ସାରିଲାଣି ଓ ହୋଇଚାଲିଛି । ମନେରଖ ଏହା ହିଁ ଏକ ମାତ୍ର ପନ ଯାହାକି ମୁସଲମାନମାନଙ୍କ ଗୌରବ ଓ ଗାରିମାକୁ ଫେରାଇ ଆଣିପାରିବ । ହଜରତ ମସିହ ମଉଦ ଆ.ସ କୁହନ୍ତି- ଅଲ୍ଲାଃଙ୍କ ଅଙ୍ଗିକାର ମୁତାବକ ମୁଁ ହିଁ ପ୍ରତିଶୃତ ମସିହ ରୂପେ ଆସିଅଛି । ବର୍ତମାନ ତୁମେ ଇଚ୍ଛା କଲେ ମୋତେ ସ୍ୱୀକାର କର ଅବା ରଦ୍ଦ କର । କିନ୍ତୁ ମନେରଖ ତୁମର ରଦ୍ଦ କରିବା ଦ୍ୱାର ମୋର କୌଣସି କ୍ଷତି ହେବ ନାହିଁ । ଅଲ୍ଲାଃ ଯାହା ଇଚ୍ଛା କରନ୍ତି ତାହା ହିଁ କରନ୍ତି ଯେ, ମୋର ବିରୁଦ୍ଧାଚରଣ କରୁଛନ୍ତି ସେମାନେ ମୋର ନୁହେଁ ବରଂ ଅଲ୍ଲାଃତାଲା ଙ୍କର ବିରୁଦ୍ଧାଚରଣ କରୁଛନ୍ତି ।

ହଜୁର ଅନୱର ଅ.ବ କହିଲେ- ସୁତରାଂ ଜମାଅତ ବିରୁଦ୍ଧରେ ଯେଉଁ ସଡ଼ଯନ ବିରୁଦ୍ଧାଚରଣ ହେଉଛି ତାହା ନା ପୂର୍ବେ ଆମର କୌଣସି କ୍ଷତି କରିଥିଲା ନା ଭବିଷ୍ୟତରେ କିଛି କ୍ଷତି କରିପାରିବ (ଇନଶା ଅଲ୍ଲାଃ) । ଅଲ୍ଲାଃଙ୍କ ସାହାର୍ଯ୍ୟ ଓ ଅନୁକମ୍ପାର ହାତ ହଜରତ ମସିହ ମଉଦ ଆ.ସଙ୍କ ସହ ସର୍ବଦା ରହିଛି ଏବଂ ଆମେ ସର୍ବଦା ଦେଖୁଛୁ ଯେ ଶତ୍ରୁ ଅପମାନିତ, ନିନ୍ଦିତ ଓ କ୍ଷତିଗ୍ରସ୍ତ ହେଉଅଛି ଏବଂ ଭବିଷ୍ୟତରେ ମଧ ହେଉଥିବ । ହଜୁର ଅନଓର ଅ.ବ କହିଲେ- ଯେଉଁ ସ୍ଥାନରେ ବିରୁଦ୍ଧାଚରଣ ହୋଇଥାଏ, ସେଠାରେ ଆମର ପ୍ରଚାରର ମାର୍ଗ ମଧ ସମତୁଲ ହୋଇଯାଏ । ଉପଦ୍ୱୀପର ଜମାଅତ କୌଣସି ପୁରୁଣା ଜମାଅତ ନୁହେଁ କିନ୍ତୁ ଅଲ୍ଲାଃ ଏହି ବିରୁଦ୍ଧାଚରଣ ମାଧମରେ ଯେଉଁସ୍ଥଳେ ସେମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିଥାନ୍ତି ସେଠାରେ ସେମାନଙ୍କ ପାଇଁ ପ୍ରଚାରର ମାର୍ଗ ମଧ ଉନ୍ମୁକ୍ତ କରିଦେଇଥାନ୍ତି । ସେଠାକାର ଅହେମଦି ଲେଖୁଛନ୍ତି ଯେ ଆମେ ଚିନ୍ତିତ ଥିଲୁ କି ଏହି ଦେଶରେ (ଅହେମଦିୟତର) ପ୍ରଚାର କିଭଳି କରିବୁ, ଅଲ୍ଲାଃତାଲା ଏହି ବିରୁଦ୍ଧାଚରଣ ମାଧମରେ ପ୍ରଚାରର ମାର୍ଗ ସୁଗମ କରିଦେଲେ । ସେମାନେ ଆହୁରି କୁହନ୍ତି ଯଦିଓ କେତେକ ଲୋକ ଏଥିରେ ନକରାତ୍ମକ ପ୍ରଭାବ ନେଇଥାନ୍ତି କିନ୍ତୁ ଅଧିକାଂଶ ଜମାଅତ ଓ ହଜରତ ମସିହ ମଉଦ ଆ.ସଙ୍କ ସହ ପରିଚିତ ହୋଇଥାନ୍ତି ଏବଂ ବୁଝିଥାନ୍ତି ଯେ ଜମାଅତ ବିରୁଦ୍ଧରେ ଯାହା କିଛି କରାଯାଇଅଛି ତାହା ଠିକ୍ ହେଉ ନାହିଁ । ହଜୁର ଅନୱର କୁହନ୍ତି- ହଜରତ ମସିହ ମଉଦ ଆ.ସଙ୍କ ଆଗମନର ଏହି ସମୟ ଥିଲା ଏବଂ ଅଲ୍ଲାଃଙ୍କ ଧାର୍ଯ୍ୟ ନିୟାମାନୁଯାୟୀ ହିଁ ଆପଣଙ୍କ ଆର୍ବିଭାବ ହେଲା ଯଦ୍ୱାରା ଇସଲାମର ଟଳମଟଳ ନୌକାକୁ ସ୍ଥିରତା ପ୍ରଦାନ କରାଗଲା । ସ୍ୱୟଂ ମୁସଲମାନମାନେ ବିଭିନ୍ନ ମନ୍ତବ୍ୟ ଖବରକାଗଜ ତଥା ବକ୍ତୃତାମାନଙ୍କରେ ପ୍ରକାଶ କରି ଏହି ପ୍ରମାଣ ଦେଇଥାନ୍ତି କି ଇସଲାମକୁ ସମ୍ଭାଳିବା ନିମନ୍ତେ କେହି ଜଣେ ଆସିବା ଆବଶ୍ୟକ । କିନ୍ତୁ ଏହା ମଧ କହିଦେଇଥାନ୍ତି ଯେ ସେ ମିର୍ଜା ଗୁଲାମ ଅହେମଦ କାଦିଆନୀ ବ୍ୟତୀତ ଅନ୍ୟ କେହି ହେବା ଉଚିତ୍ ।

ସେ ଯାହା ହେଉ ଯେ ଅଲ୍ଲାଃଙ୍କ ନିକଟରୁ ଆସିବାର ଘୋଷଣା କରୁଅଛି ତାହାକୁ ଏମାନେ ସ୍ୱୀକାର କରୁନାହାନ୍ତି ବରଂ ତାହା ସହ ଶତ୍ରୁତା ଆଚରଣ କରୁଛନ୍ତି ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକ ଏପରି ବିରୁଦ୍ଧାଚରଣ ସତ୍ୱେ ଜମାତରେ ଅନ୍ତର୍ଭୁକ୍ତ ହେବା ପ୍ରମାଣ କରୁଛି ଯେ, ଅଲ୍ଲାଃଙ୍କ ସାହାର୍ଯ୍ୟର ହାତ ଜମାଅତ ଓ ହଜରତ ମସିହ ମଉଦ ଆ.ସଙ୍କ ସହିତ ରହିଛି ଅନେକ ମୋତେ ନିଜ ଘଟଣାବଳୀ ଲେଖି ପଠାଇଛନ୍ତି କି କିପରି ସେମାନେ ଅହେମଦି ହେଲେ ସେମାନଙ୍କ ଚିଠି ପଢ଼ି ଆଶ୍ଚର୍ଯ୍ୟ ଲାଗେ କି କିପରି ଅଲ୍ଲାଃ ପୁଣ୍ୟବନ୍ତ ଲୋକମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରିବାର ବ୍ୟବସ୍ଥା କରୁଛନ୍ତି । ଏଠାରେ ସେହିପରି କିଛି ଘଟଣାବଳୀର ଚର୍ଚ୍ଚା କରିଦେଉଛି ।

ପ୍ରଥମ ଘଟଣା ଉପଦ୍ୱୀପର ଉପସ୍ଥାପନ କରୁଅଛି ଯେଉଁଠାରେ କି ବର୍ତମାନ ବିରୁଦ୍ଧାଚରଣ ବେଶ୍ ତିବ୍ର ରୂପ ନେଇଛି । ଜଣେ ବନ୍ଧୁ ଲେଖିଛନ୍ତି ଅହେମଦିୟତ୍ ସହ ପରିଚିତ ହେବା ପୂର୍ବରୁ ଏକଦା ମୁଁ ସ୍ୱପ୍ନରେ ଦେଖିଲି ଯେ ଏକ ବିରାଟ ଛତରେ ପରିବେଷ୍ଟିତ ହଲ୍ ରହିଛି ଯେଉଁଠାରେ ଅନେକ ଲୋକ ଏକତ୍ରିତ ହୋଇଛନ୍ତି ଏବଂ ସମସ୍ତେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇଛନ୍ତି ଓ ତାହାର ଏକ ପ୍ରାନ୍ତରେ ଦୁଇ ଜଣ ବ୍ୟକ୍ତି ଦଣ୍ଡାୟମାନ ରହିଛନ୍ତି ଧାଡ଼ିରେ ଥିବା ବ୍ୟକ୍ତିମାନେ ଉକ୍ତ ଦୁଇ ବ୍ୟକ୍ତିଙ୍କ ମଧ୍ୟରୁ ଡ଼ାହାଣ ପାଶ୍ୱରେ ଛିଡ଼ା ହୋଇଥିବା ବ୍ୟକ୍ତିର ସହ ବେଶ୍ ଉତ୍କଣ୍ଠାର ସହ ହାତ ମିଳାଇ ବାହାରକୁ ଚାଲିଯାଉଛନ୍ତି ଯେପରି ଏହି ବିରାଟ ଧାଡ଼ି କେବଳ ତାଙ୍କ ସହ ସାକ୍ଷାତ ନିମନ୍ତେ ଅପେକ୍ଷାରତ । ସେ କୁହନ୍ତି ମୁଁ ଦୂରରୁ ସେସବୁ ଦେଖି କହୁଛି କି ଲୋକ ଉଭୟ ଦୁଇ ଜଣଙ୍କୁ ସାକ୍ଷାତ ନକରି କେବଳ ଜଣଙ୍କ ସହ କାହିଁକି ହାତ ମିଳାଇ ଚାଲିଯାଉଛନ୍ତି ତାହା ମଧ ଏପରି ଉତ୍କଣ୍ଠାର ସହିତ । ନିକଟରେ ପହଁଚି ମୁଁ ଦେଖିଲି ସେମାନଙ୍କ ମଧ୍ୟରୁ ଜଣଙ୍କର ଧଳା ଦାଢ଼ି ରହିଛି ଓ ତାଙ୍କର ଡ଼ାହାଣ ପାଶ୍ୱରେ ଜଣେ ଗହମ ବର୍ଣ ମଧ୍ୟମ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଛିଡ଼ା ହୋଇଛନ୍ତି ଯାହାଙ୍କ ଦାଢ଼ି ଓ ଚୁଟି କଳା ଅଟେ, ସେ କୁହନ୍ତି ଯେତେବେଳେ ମୋ ପାଳି ପଡ଼ିଲା ମୁଁ ଧଳା ଦାଢ଼ି ଥିବା ବ୍ୟକ୍ତିଙ୍କ ସହ ହାତ ମିଳାଇବାକୁ ଆଗକୁ ବଢ଼ିଲି ତ ସେ ମୋତେ ଉକ୍ତ ଗହମ ବର୍ଣ ବ୍ୟକ୍ତିଙ୍କ ସହ ମିଳିବାକୁ ଇଶାରା କଲେ କି ତାଙ୍କୁ ସଲାମ କରି ହାତ ମିଳାଅ । ସେ କୁହନ୍ତି ଏଥି ସହିତ ମୋ ହୃଦୟ ତାଙ୍କ ପ୍ରେମରେ ଭରିଗଲା ସେ ମୋତେ ଦେଖି ହସିଲେ । ସେଥିରେ ଏପରି ଜାଦୁ ଥିଲା ଯେ ଆଜି ପର୍ଯ୍ୟନ୍ତ ମୁଁ ତାଙ୍କ ହସକୁ ଭୁଲିପାରୁ ନାହିଁ ସେ କୁହନ୍ତି ଯେତେବେଳେ ଅହେମିୟତ୍ ସହ ମୁଁ ପରିଚିତ ହେଲି ଓ ଗ.ଞ.ଇ ଦେଖିବାକୁ ଆରମ୍ଭ କଲି ସେତେବେଳେ ଟିଭିରେ ମୁଁ ହଜରତ ମସିହ ମଉଦ ଆ.ସ ଓ ପଂଚମ ଖଲିଫାଙ୍କର ଫଟୋ ଦେଖିବା ପରେ ମୋତେ ମୋର ସ୍ୱପ୍ନ ମନେପଡ଼ିଗଲା ଏବଂ ସେହି ଧଳା ଦାଢ଼ି ରଖିଥିବା ବ୍ୟକ୍ତି ଆପଣ ଥିଲେ ଏବଂ କଳା ଦାଢ଼ି ରଖିଥିବା ବ୍ୟକ୍ତି ହଜରତ ମସିହ ମଉଦ ଆ.ସ ଥିଲେ ଯାହାଙ୍କୁ ସମସ୍ତେ ସାକ୍ଷାତ କରୁଥିଲେ ଏବଂ ଆପଣ ମଧ ଇଶାରା କରୁଥିଲେ କି ତାଙ୍କ ସହ ସାକ୍ଷାତ କର ଏହାପରେ ମୁଁ ଓଭଶ୍ୱରଜ୍ୱଭରଶ୍ୱ ମାଧମରେ ସମ୍ପର୍କ ସ୍ଥାପନ କଲି । ତାପରେ ବିଭିନ୍ନ ପ୍ରଶ୍ନର ଉତର ପାଇବା ପରେ ମୁଁ ବୟତ କରିନେଲି ।

ଆଉ ଜଣେ ସାହେବଙ୍କ ଘଟଣା ଦେଖି ମନେହୁଏ ଯେମିତି ତାଙ୍କୁ ଅଲ୍ଲାଃ ଘେରାଉ କରି ହଜରତ ମସିହ ମଉଦ ଆ.ସଙ୍କ ବୟତରେ ଅନ୍ତର୍ଭୁକ୍ତ କରିଛନ୍ତି । ସମ୍ଭବତଃ ତାଙ୍କର କୌଣସି ପୁଣ୍ୟ କର୍ମର ଫଳ ସ୍ୱରୂପ ଅଲ୍ଲାଃ ତାଙ୍କ ସହ ଏପରି ଆଚରଣ କଲେ । ତାଙ୍କ ନାମ ଅବଦୁଲ୍ ହାଜି ଯେ କି ମିଶର ଦେଶର ବାସିନ୍ଦା ଅଟନ୍ତି । ଅହେମଦିୟତ ସହ ସେ ଗ.ଞ.ଇ ମାଧମରେ ପରିଚିତ ହେଲେ । ଗ.ଞ.ଇରେ ଯେଉଁ କାର୍ଯ୍ୟକ୍ରମ ପ୍ରସାରଣ ହେଉଥିଲା ବେଶ୍ ଭଲ ଥିଲା । କିନ୍ତୁ ସେ କୁହନ୍ତି ଜମାଅତର ସଂସ୍ଥାପକଙ୍କ ନବୀ ହେବା ଓ ତାଙ୍କୁ ଦିବ୍ୟବାଣୀ ପ୍ରାପ୍ତ ହେବା ବୁଝା ପଡୁ ନଥିଲା । ମୁଁ ବାରମ୍ବାର ହୱାରୁଲ ମୁବାଶିର୍ କାର୍ଯ୍ୟକ୍ରମରେ ଫୋନ୍ କରେ କିନ୍ତୁ ପ୍ରତ୍ୟେକ ଥର ବିଫଳ ହୁଏ । ସମ୍ପର୍କ ହୋଇପାରେ ନାହିଁ । ସେଥିରେ ମୋର ଉଦ୍ଦେଶ୍ୟ କେବଳ ଗୋଟିଏ ପ୍ରଶ୍ନର ଉତର ପାଇବା ଥିଲା । କି କଣ ଜମାଅତର ସଂସ୍ଥାପକ ଅନ୍ୟ ଅବତାରମାନଙ୍କ ପରି ନିରୀହ ଥିଲେ ଏବଂ କଣ ତାଙ୍କୁ ଐଶ୍ୱରୀକ ବାଣୀ ହେଉଥିଲା? ସେ କୁହନ୍ତି ମୋତେ ଯଦି ଏହାର ଉତର ହଁରେ ଦିଆଯାଏ ତେବେ ସେହି ଦିନ ହିଁ ମୁଁ ସେହି ଚ୍ୟାନେଲକୁ ନିଜ ତାଲିକାରୁ କାଟିଦିଏ କାରଣ ସେତେବେଳ ସୁଧା ମୋର ଏହି ବିଶ୍ୱାସ ଥିଲା କି ହଜରତ ମହମ୍ମଦ ସ.ଆଙ୍କ ପରେ ଦିବ୍ୟବାଣୀ ବନ୍ଦ ହୋଇଯାଇଛି ଏବଂ ଏପରି ଘୋଷଣାକାରୀ ମିଥ୍ୟାବାଦୀ ଅଟେ । କିନ୍ତୁ ଅଲ୍ଲାଃଙ୍କ ବିଶେଷ କୃପା ଯୋଗୁଁ ଉକ୍ତ କାର୍ଯ୍ୟକ୍ରମରେ ମୋର ଫୋନ୍ ର ସମ୍ପର୍କ ଯୋଡ଼ିନଥିଲା ଯଦ୍ୱାରା ମୁଁ ଗ.ଞ.ଇର କାର୍ଯ୍ୟକ୍ରମ

ଦେଖିଚାଲିଥାଏ ଏବଂ ଏଥିରେ ମୋତେ ଖତମେ ନବୁଓ୍ୱତର ବିଷୟ ମଧ୍ୟ ବୁଝାପଡ଼ିଗଲା ଏପରିକି ଯୁଗର ବାର୍ତାବହ ହଜରତ ମସିହ ମଉଦ ଆ.ସଙ୍କ ବୟତ କରିବା ଛଡ଼ା ମୋ ନିକଟରେ ଅନ୍ୟ କୌଣସି ପନା ନଥିଲା । ସୁତରାଂ ମୁଁ ବୟତ ଫର୍ମ ପୂରଣ କରି ପ୍ରେରଣ କରିଦେଲି । ବୟତ କରିବା ପରେ ମୋର ଇଚ୍ଛା ଥିଲା କି ଏହି ଖବର ଅନ୍ୟମାନେ ମଧ୍ୟ ଜାଣନ୍ତୁ ତେଣୁ ମୁଁ ନିଜର ଜଣେ ଘନିଷ୍ଟ ବନ୍ଧୁ ଯାହାଙ୍କ ବିଷୟରେ ମୋର ଅତ୍ୟନ୍ତ ସକରାତ୍ମକ ଭାବନା ଥିଲା କି ସେ ମୋ କଥା ଶୁଣିବେ ତେଣୁ ମୁଁ ତାଙ୍କୁ ଜମାଅତର ସନ୍ଦେଶ ଦେଲି କିନ୍ତୁ ମୋ କଥା ଶୁଣି ସେ ପ୍ରଚଣ୍ଡ ରାଗିଯାଇ ହଜରତ ମସିହ ମଉଦ ଆ.ସଙ୍କ ଗାରିମା ସମ୍ବନ୍ଧରେ ଅସାଦଚରଣ କରିବା ଆରମ୍ଭ ଦେଲେ । ଏପରି ମୁଁ ଦୁଃଖ ମନ ଓ ଅତୃପ୍ତ ଆତ୍ମାର ସହିତ ଘରକୁ ଫେରିଲି । ଅଭ୍ୟାସ ମୁତାବକ ଯେତେବେଳେ ମୁଁ ଟିଭି ଲଗାଇଲି ସେତେବେଳେ ସୁରେ ଆଲେ ଇମ୍ରାନର ଏହି ଆୟତ **ଫଇନ୍ କଜ୍ ଜବୁକା ଫକଦ୍ କୁଜ୍ଜିବା ରୁସୁଲୁମ୍ ମିନ୍ କବଲିକା ଜାଉ ବିଲ୍ ବୈୟନାତି ଓଜ୍ ଯୁବୁରି ଓଲ୍ କିତାବିଲ୍ ମୁନିର୍** ଅର୍ଥାତ ଯଦି ସେମାନେ ତୁମକୁ ମିଥ୍ୟାବାଦୀ କୁହନ୍ତି ତେବେ ତୁମ୍ଭ ପୂର୍ବରୁ ଲୋକମାନେ ମଧ୍ୟ ଅବତାରମାନଙ୍କ ସହ ଏପରି ଆଚରଣ କରି ଆସିଛନ୍ତି ଯେତେବେଳେ କି ସେମାନେ ସ୍ୱଷ୍ଟ ନିଦର୍ଶନ ଓ ଐଶ୍ୱରିକ ତଥା ଆଲୌକିକ ଧର୍ମ ପୁସ୍ତକ ଧରି ଆସିଥିଲେ । ସେ କୁହନ୍ତି ଉକ୍ତ ଆୟତ ମୋ ହୃଦୟର ଅବସ୍ଥା ପରିବର୍ତନ କରିବା ନିମନ୍ତେ ଦୁରଦ୍ ଓ ସୁରକ୍ଷା ପ୍ରଦାନକରୀର ସାବ୍ୟସ୍ତ ହେଲା ଏବଂ ମୁଁ ନିଶ୍ଚିନ୍ତ ହୋଇଗଲି ଯେ ଏହା କୌଣସି ଆକସ୍ମିକ ଘଟଣା ନୁହେଁ । ବରଂ ଅଲ୍ଲାଃଙ୍କ ତରଫରୁ ଏକ ବାର୍ତା ଅଟେ, ଯେ ଅବତାରମାନଙ୍କ ଅବମାନନା ଓ ତାଙ୍କର ପରିହାସ ସବର୍ଦା ହୋଇଆସିଛି । ବର୍ତମାନ ଯଦି ହଜରତ ମସିହ ମଉଦ ଆ.ସଙ୍କର ହେଉଛି ତେବେ ଏଥିରେ ନୂଆ କଥା କଣ ଏବଂ ଏଥିରେ ଆମକୁ ଭାଙ୍ଗି ପଡ଼ିବାର ନାହିଁ ।

ଆଉ ଜଣେ ମହିଳାଙ୍କ ଘଟଣା ଶୁଣନ୍ତୁ ଯାହାଙ୍କ ହୃଦୟର ପବିତ୍ରତା ଯୋଗୁଁ ଅଲ୍ଲାଃ ତାଙ୍କୁ ବୟତ କରିବାର ଶକ୍ତି ପ୍ରଦାନ କଲେ । ସେ ଆଫ୍ରିକା ମହାଦେଶର ଗିନୀ ଅଂଚଳର ବଡ଼ ସହର ବୁକେ ନିକଟସ୍ଥ ଏକ ଗ୍ରାମରେ ରହୁଥାନ୍ତି । ସେ କୁହନ୍ତି ଏକଦା ଜମାଅତ ଅହେମଦିୟାର ଜଣେ ମୌଲିମ୍ ମୋ ନିକଟକୁ ଆସିଲେ ଓ ଜମାଅତ ସମ୍ବନ୍ଧରେ ଅବଗତ କରାଇ ବାର୍ଷିକ ଧର୍ମ ସମ୍ମିଳନୀରେ ଯୋଗଦେବା ନିମନ୍ତେ ନିମନଣ ଦେଇଗଲେ । ସେ କୁହନ୍ତି ମୋତେ ତାଙ୍କ କଥା ଭଲ ଲାଗିଲା ଏବଂ ମୁଁ ମଧ୍ୟ ଜଲସାରେ ଯୋଗଦେବା ପାଇଁ ପ୍ରସ୍ତୁତ ହେଲି କିନ୍ତୁ ମୁସଲମାନମାନଙ୍କ ଆତଙ୍କବାଦୀ କାର୍ଯ୍ୟକଳାପର ଘଟଣାମାନ ଯୋଗୁଁ ମନରେ ଭାବନା ଜାଗ୍ରତ ହେଲା କି ଏହି ଜମାଅତ ମଧ୍ୟ ସେହିମାନଙ୍କ ପରି ତ ନୁହେଁ । ସୁତରାଂ ଜଲସାରେ ଯୋଗନଦେବା ପାଇଁ ସ୍ଥିର କଲି କିନ୍ତୁ ଏହି ଦୁଆ କରୁଥାଏ କି ହେ ଅଲ୍ଲାଃ ! ଯଦି ଏମାନେ ସତ୍ୟବାଦୀ ଅଟନ୍ତି ତେବେ ଆମ ଗ୍ରାମକୁ ସେମାନେ ପୁନର୍ବାର ପ୍ରଚାର ନିମନ୍ତେ ଆସନ୍ତୁ । ଅଲ୍ଲାଃ ଏପରି କଲେ କି କିଛି ଦିନ ପରେ ସେମାନେ ପୁନର୍ବାର ଆସିଲେ । ଯେତେବେଳେ ଉକ୍ତ ମହିଳା ଜଣକ ଆମକୁ ଦେଖିଲେ ଖୁସିରେ ତାଙ୍କ ଆଖିରୁ ଲୁହ ଝରି ପଡ଼ିଲା ଏବଂ ସେ କହିଲେ ଅଲ୍ଲାଃତାଲା ମୋ ଦୁଆ ଶୁଣିଛନ୍ତି । ଏପରି ତାଙ୍କ ଘରର ସମସ୍ତ ସଦସ୍ୟ ବୟତ କରି ଜମାଅତର ଅନ୍ତର୍ଭୁକ୍ତ ହୋଇଗଲେ ।

ଗେମ୍ବିଆର ଅମିର ସାହେବ ଲେଖିଛନ୍ତି ନୟାବେନି ଜିଲ୍ଲାର ଗୋଟିଏ ଗ୍ରାମର ଜଣେ ମହିଳା ଶ୍ରୀମତି ସନ୍ତା ସାହେବା ଜମାଅତର ପ୍ରବଳ ବିରୋଧ କରୁଥିଲେ । ସେ ଚାସବାସ କରନ୍ତି କିନ୍ତୁ ବିଗତ ଦୁଇ ବର୍ଷ ହେଲା ତାଙ୍କର ଫସଲ୍ ନଷ୍ଟ ହେଇଯାଉଥିଲା । ଆମର ଜଣେ ଅହେମଦି ଭଉଣି ତାଙ୍କୁ କହିଲେ ଯେବେଠାରୁ ତୁମେ ଜମାଅତ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛ ତୁମର ଫସଲ ନଷ୍ଟ ହେଉଅଛି ତେଣୁ ଏହି ବିରୁଦ୍ଧାଚରଣ ଛାଡ଼ି ଜମାଅତରେ ଅନ୍ତର୍ଭୁକ୍ତ ହୋଇଯାଅ । ଅଲ୍ଲାଃଙ୍କର ତୁମର ଉପରେ କୃପା ବର୍ଷଣ ହେବ । ସେ କହିଲେ ଚାଲ ଏପରି କରି ଦେଖିନେବା । ସୁତାରଂ ସେ ନିଜ ପରିବାର ବର୍ଗଙ୍କ ସହ ଜମାଅତର ଅନ୍ତର୍ଭୁକ୍ତ ହୋଇଗଲେ । ତାପରେ ସେ ଦେଖିଲେ ଯେ, ଅଲ୍ଲାଃଙ୍କ କୃପା ଫଳରେ ନା କେବଳ ତାଙ୍କର ଫସଲ ଭଲ ହେଲା ବରଂ ତାଙ୍କର ଏକ ପୁତ୍ର ଯେ କି ଅନେକ ବର୍ଷ ହେଲା ନିଖୋଜ ଥିଲା ତାହାର ଖବର ମିଳିଗଲା ଯେ ସେ ଇଟାଲିରେ ଥିଲା । ବର୍ତମାନ ଉକ୍ତ ମହିଳା ସମସ୍ତଙ୍କୁ କହୁଛନ୍ତି ଯେ, ଜମାଅତ ଅହେମଦିୟାର ଅନ୍ତର୍ଭୁକ୍ତ ହୋଇଯାଅ କାରଣ ଏଥିରେ ହିଁ ମୁକ୍ତି ଲାଭ ହେବ । ବେନିନ୍ ଦେଶର ମୁବଲିଗ୍ ସାହେବ ଲେଖୁଛନ୍ତି ଚଳିତ ବର୍ଷ ବର୍ଷା ଋତୁରେ ବାସିଲା ସହରରେ ପ୍ରବଳ ଝଡ଼ ତୋଫାନ୍ ଯୋଗୁଁ ମିଶନ୍ ହାଉସ୍‌ର ଏକ କାନ ଭୁସୁଡ଼ି ଗଲା । ରାତି ସାରା ବର୍ଷା ହେବା ଯୋଗୁଁ ଆଶଙ୍କା ସୃଷ୍ଟି ହେଲା କି ଅନ୍ୟ ପାର୍ଶ୍ୱର କାନ ମଧ୍ୟ ଭୁସୁଡ଼ି ପଡ଼ିବ । ମିଶନ୍ ହାଉସ୍‌ର ଏହି କ୍ଷତିରେ ମର୍ମାହତ ହୋଇ ମୁଁ ଦୁଆ କଲି କି ହେ ଅଲ୍ଲାଃ ! ଏହି କ୍ଷତିକୁ ବୟତ ମାଧ୍ୟମରେ ପୂରଣ କରିଦିଅ ଏବଂ ଜମାଅତକୁ ଉନ୍ନତି ପ୍ରଦାନ କର । ସେ କୁହନ୍ତି ମୁଁ ଦୁଆ ଶେଷ କରିନଥିଲି ଯେ ଫୋନ୍ ବାଜିଲା । ସେତେବେଳେ ସମୟ ରାତି ୧୨ଟା ହେବ ପ୍ରବଳ ବର୍ଷା ଓ ବିଜୁଳି ମାରୁଥାଏ ମୁଁ ଫୋନ୍ ଉଠାଇଲି ସେପଟରୁ ଜଣେ ବ୍ୟକ୍ତି ଶ୍ରୀମାନ ମହମ୍ମଦ ସାହେବ କହିଲେ ଆମ ଗ୍ରାମବାସୀ ବୟତ କରିବାକୁ ଚାହୁଁଛନ୍ତି । ଉକ୍ତ ଗ୍ରାମ ମିଶନ୍ ଠାରୁ ୧୧୦ କି.ମି ଦୂରରେ ଅବସ୍ଥିତ ଥିଲା । ମୁବଲିଗ୍ ସାହେବ ଲେଖିଛନ୍ତି କିଛି ଦିନ ପରେ ତାଙ୍କ ନିକଟକୁ ଯିବାରୁ ୧୯୮ଜଣ ବୟତ କରି ଜମାଅତରେ ଅନ୍ତର୍ଭୁକ୍ତ ହୋଇଗଲେ । ।

ବେନିନର ମୁବଲିଗ୍ ସାହେବ କୁହନ୍ତି ଆମ ମୌଲମ୍ ଅହେମଦି ହମଦି ଜିବ୍ରିଲ୍ ସାହେବ ଏକ ଆଂଚଳିକ ରେଡ଼ିଓଷ୍ଟେସନରେ ପ୍ରଚାରର କାର୍ଯ୍ୟକ୍ରମ କରନ୍ତି । ଏକଦା ତାଙ୍କ କାର୍ଯ୍ୟକ୍ରମ ପ୍ରସାରଣ ସମୟରେ ଜଣେ ମହିଳାଙ୍କ ଫୋନ୍ ଆସିଲା କି ମସିହଙ୍କ ପୁନଃ ଆବିର୍ଭାବ ମୋ ପାଇଁ ଆଶ୍ଚର୍ଯ୍ୟର କଥା ଯାହାକି ଏପର୍ଯ୍ୟନ୍ତ ଆମକୁ ଜଣା ନଥିଲା । ମୁଁ ମୁସଲମାନ ଅଟେ କିନ୍ତୁ ମୋ ପରିବାରର ସଦସ୍ୟମାନେ ଖ୍ରୀଷ୍ଟ ଧାର୍ମାବଲମ୍ବୀ ଅଟନ୍ତି । ସେମାନେ ମୋତେ ଏହି ପ୍ରଶ୍ନରେ ନିରୁତର କରିଦିଅନ୍ତି କି ମୁସଲମାନମାନେ ହିଁ କହୁଛନ୍ତି ଯେ, ସେମାନଙ୍କ ପଥ ପ୍ରଦର୍ଶନ ନିମନ୍ତେ ମସିହଙ୍କର ପୁନର୍ବାର ଆଗମନ ହେବ ତେବେଯାଇ ସେମାନେ ସତ୍‌ପଥ ପ୍ରାପ୍ତ କରିବେ । ସେ କହିଲେ ଆପଣ ଆମ ଗ୍ରାମକୁ ଆସନ୍ତୁ ଓ ଏମାନଙ୍କୁ ଜମାଅତର ବାର୍ତା ସହ ଅବଗତ କରାନ୍ତୁ । ଅତଏବ ସେଠାରେ କିଛି ଧର୍ମ ଆଲୋଚନା କରିବା ଫଳରେ ୨୨୭ଜଣ ବୟତ କରି ଜମାଅତରେ ଅନ୍ତର୍ଭୁକ୍ତ ହୋଇଗଲେ ।

ହଜୁର ଅନଓ୍ୱର ଅ.ବ ବିଭିନ୍ନ ଦେଶର ଲୋକଙ୍କ ଅହେମଦିୟତ ସ୍ୱୀକାର କରିବାର ବିଶ୍ୱାସ ବର୍ଦ୍ଧକ ଘଟଣାମାନ ଚର୍ଚ୍ଚା କରିବା ପରେ କହିଲେ ବିରୋଧୀମାନଙ୍କୁ ହଜରତ ମସିହ ମଉଦ ଆ.ସଙ୍କ ଏହି କଥାରେ ଗଭୀର ଅନୁଧ୍ୟାନ କରିବା ଉଚିତ୍ । ହଜରୁ ଆ.ସ କୁହନ୍ତି ମନେରଖ ଯଦି ମୋତେ ସ୍ୱୀକାର ନକର ତେବେ ତୁମେ କଦାପି ଅନ୍ୟ କୌଣସି ମସିହଙ୍କୁ ଆସିବାର ଦେଖିବ ନାହିଁ । ମୁଁ ତୁମକୁ ଉପଦେଶ ପୂର୍ବକ କହୁଅଛି ଧର୍ମଭୀରୁତାକୁ କଦାପି ହାତଛଡ଼ା କର ନାହିଁ । ଅଲ୍ଲାଃଙ୍କ ଖାତିର ଏସବୁ କଥା ଏକାନ୍ତରେ ବସି ଚିନ୍ତା କର ଏବଂ ଦୁଆ କର କାରଣ କେବଳ ସେ ହିଁ ସ୍ୱୀକାର କରିଥାନ୍ତି ଯଦି ତୁମେ ପବିତ୍ର ହୃଦୟର ସହ ଦୁଆ କର ତେବେ ସେ ନିଶ୍ଚିତ ଶୁଣିବେ ଏବଂ ତୁମର ମାର୍ଗଦର୍ଶନ କରିବେ । ଅଲ୍ଲାଃ କରନ୍ତୁ କି ଏମାନେ ଅଲ୍ଲାଃଙ୍କ କୃପା ଲାଭ କରିବା ଯୋଗ୍ୟ ସାବ୍ୟସ୍ତ ହୁଅନ୍ତୁ । ଅଲ୍ଲାଃ ସେମାନଙ୍କ ହୃଦୟ ଉନ୍ମୁକ୍ତ କରନ୍ତୁ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ ଏକ ଜନାଯାଃ ଗାଏବ ଯାହାକି ଶ୍ରୀମାନ ହାଜି ଲୋସ୍ ଫ୍ରେନ୍ ହେନସନ୍ ସାହେବ ଯେ କି ଜଣେ ଡ଼େନିସ ଅହେମଦି ଥିଲେ ଘୋଷଣା କଲେ ଏବଂ ତାଙ୍କ ଉତମ ଚରିତ୍ର ଓ ସେବାର ଚର୍ଚ୍ଚା କଲେ । ଅଲ୍ଲାଃ ତାଙ୍କୁ ବୈକୁଣ୍ଠରେ ଉଚ୍ଚ ସ୍ତର ପ୍ରଦାନ କରିବା ତଥା ତାଙ୍କ ପତ୍ନୀ ଓ ପିଲାମାନଙ୍କୁ ଅହେମଦିୟତ ସ୍ୱୀକାର କରିବା ସହିତ ଅମଳ କରିବାର ଶକ୍ତି ପ୍ରାପ୍ତ ନିମନ୍ତେ ଦୁଆ କଲେ ।

ପୃଷ୍ଠା-୮ ର ଅବଶିଷ୍ଟାଂଶ.....

କରିଚାଲିଛି । ତେଣୁ ଏହି ସବୁ କଥାକୁ ଆଖି ଆଗରେ ରଖି ମୁଁ ଆପଣମାନଙ୍କ ସମ୍ମୁଖରେ ଇସ୍‌ଲାମ୍‌ର ସତ୍ୟତା ଓ ତାର ଶାନ୍ତିପୁର୍ଣ୍ଣ ଶିକ୍ଷାକୁ ଉପସ୍ଥାପନ କରିବି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏ ସ୍ଥାନ ଯେଉଁଠିକି ଆପଣମାନେ ମୋତେ ନିମନ୍ତ୍ରଣ କରିଛନ୍ତି ତାହା କୌଣସି ଧର୍ମୀୟ ସ୍ଥାନ ନୁହେଁ । ଆପଣମାନଙ୍କ ମଧ୍ୟରୁ ବହୁତ ଏପରି ଥିବେ ଯେଉଁମାନଙ୍କର ଧର୍ମ ପ୍ରତି କୌଣସି ସ୍ପୃହା ନାହିଁ । କିନ୍ତୁ ବ୍ୟବସ୍ଥାପିକାର ଦାୟିତ୍ୱ ଆପଣମାନଙ୍କ ପାଖରେ ଥିବା ଯୋଗୁଁ ବେଳେବେଳେ ଏପରି ମାମଲା ଆପଣଙ୍କୁ ନିକଟକୁ ଆସୁଥିବ ଯାହା ଧାର୍ମିକ ଲୋକଙ୍କ ଉପରେ ପ୍ରଭାବ ପକାଉଥିବ । ଏହି ପରିପ୍ରେକ୍ଷୀରେ ଅଲ୍ଲାଃତାଲା ପବିତ୍ର କୋରାନ୍‌ର ସୁରା ବକ୍ରା ଆୟତ ନଂ- ୨୫୭ରେ କହୁଛନ୍ତି ଯେ ''ଧର୍ମରେ କୌଣସି ବାଧ ବାଧକତା ନାହିଁ'' ଏହା କିପରି ଉତମ ଶିକ୍ଷା ଯାହା ନିଜ ଭିତରେ ବ୍ୟକ୍ତି ସ୍ୱାଧୀନତା ଏବଂ ଧର୍ମୀୟ ସ୍ୱାଧୀନତା ଓ ଚିନ୍ତା କରିବାର ସ୍ୱାଧୀନତା ଧରି ରଖିଛି । ତେଣୁ ମୋର ବିଶ୍ୱାସ ଓ ମୋର ଏହା ଶିକ୍ଷା ଅଟେ ଯେ ପ୍ରତ୍ୟେକ ମନୁଷ୍ୟକୁ ସେ କୌଣସି ଦେଶ, ସହର, କସ୍‌ବା ବା ଗ୍ରାମ ସହିତ ସମ୍ପର୍କ ରଖିଥାଉ ନା କାହିଁକି ତାଙ୍କୁ ଯେ କୌଣସି ଧର୍ମ ଗ୍ରହଣ କରିବା ଓ ତା ଉପରେ ପାଳନ କରିବାରେ ଅଧିକାର ଅଛି । ପ୍ରତ୍ୟେକ ବ୍ୟକ୍ତିକୁ ଏ ଅଧିକାର ଅଛି ଯେ ସେ ଶାନ୍ତିପ୍ରିୟ ମାର୍ଗରେ ନିଜ ଧର୍ମରେ ପ୍ରଚାର ଓ ପ୍ରସାର କରିପାରିବ । ମନୁଷ୍ୟର ଅଧିକାର ଗୁଡିକରେ ତାକୁ ସ୍ୱାଧୀନତା ଦେବା ଉଚିତ୍ । ଦେଶର ବ୍ୟବସ୍ଥାପକ ସଂସ୍ଥା ଓ ସରକାରଙ୍କୁ ଦରକାର ଯେ ସେ ବିନା କାରଣରେ ଏପରି କୌଣସି ମାମଲାରେ ହସ୍ତକ୍ଷେପ କରନ୍ତୁ ନାହିଁ ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ଦୁଃଖର ସହିତ କହିବାକୁ ପଡୁଛି ଯେ ଆଜିକାଲି ଆମେ ଦେଖୁଅଛୁ ଯେ କିପରି ମୁସଲମାନ ଦେଶଗୁଡିକରେ ବ୍ୟକ୍ତିଗତ ମାମଲା ଗୁଡିକରେ ହସ୍ତକ୍ଷେପ କରାଯାଉଛି । ସେଥିଯୋଗୁଁ ଦେଶରେ ମୌଲବାଦୀ ଗୋଷ୍ଠୀଙ୍କୁ ଓ ସନ୍ତ୍ରାସବାଦକୁ ଲାଭ ହେଉଅଛି । ଯେଉଁମାନେ ଲୋକମାନଙ୍କର ମଜ୍‌ବୁରୀର ଫାଇଦା ଉଠାଇ ଘୃଣା, ଫିସାଦ୍, ଅତ୍ୟାଚାର ଏବଂ ଝଗଡ଼ା କରିବାରେ ସାହାଯ୍ୟ କରୁଛନ୍ତି । ଆମେ ଏହା ମଧ୍ୟ କହିପାରିବା ନାହିଁ ଯେ ପାଶ୍ଚାତ୍ୟ ଦେଶଗୁଡିକ ଯେଉଁମାନେ ନିଜକୁ ଲୋକତନ୍ତ୍ରର ଦାବିଦାରୀ ବୋଲି ଭାବୁଛନ୍ତି ସେମାନେ ସମ୍ପୂର୍ଣ୍ଣ ରୂପେ ନିର୍ଦ୍ଦୋଶ ବୋଲି । ଏପରି ଦେଖାଯାଉଛି ଯେ ପାଶ୍ଚାତ୍ୟରେ ବେଳେବେଳେ ଏପରି କାନୁନ୍ ତିଆରି କରାଯାଉଛି ଯାହା ଆନ୍ତର୍ଜାତିକ ଧର୍ମୀୟ ଅଧିକାରର ବିରୋଧ ଅଟେ । ଏପରି କାନୁନ୍ ତିଆରି କରାଯାଉଛି ଯେପରି ପାଶ୍ଚାତ୍ୟ ଦେଶଗୁଡିକରେ ପ୍ରତ୍ୟେକ ଲୋକ ସ୍ୱାଧୀନ ଯେ ସେ ଯାହା ଉପରେ ଚାହୁଁ ବିଶ୍ୱାସ ରଖୁ ଏବଂ ନିଜର ଧର୍ମ ଅନୁସାରେ ଶାନ୍ତିପୂର୍ଣ୍ଣ ଅବସ୍ଥାରେ ବସବାସ କରୁ । କିନ୍ତୁ ଏହା ବୁଦ୍ଧିମାନର ବିଷୟ ନୁହେଁ ଯେ ସରକାର ଏବଂ ଆସେମ୍ବଲି ଲୋକମାନଙ୍କର ଧର୍ମୀୟ ଭାବନା ଓ ଆଚାର ବ୍ୟବହାର ଉପରେ କଟକଣା ଲଗାଉ । ଉଦାହରଣ ସ୍ୱରୂପ ସରକାରଙ୍କୁ ଏଥିରେ କୌଣସି ଯାଏ ଆସ ହେବା ଉଚିତ୍ ନୁହେଁ ଯେ ସ୍ତ୍ରୀ ଲୋକମାନେ କିପରି ପୋଷାକ ପିନ୍ଧିବେ । ସେମାନଙ୍କୁ ଏପରି କାନୁନ୍ ତିଆରି କରିବା ଉଚିତ୍ ନୁହେଁ ଯେ ଧାର୍ମିକ ଉପାସନା ଗୃହ ଗୁଡିକ କିପରି ଦେଖାଯିବ । ଯଦି ସେମାନେ ନିଜର ଶକ୍ତିକୁ ଭୁଲ ବଶତଃ ବ୍ୟବହାର କରିବେ ତେବେ ତାହା ସମାଜରେ ଅଧିକ ଅଶାନ୍ତି ଓ ନିରାଶା ବଢ଼ି ଚାଲିବ ଏବଂ ସମାଜରେ ଶାନ୍ତିକୁ କ୍ଷତି ପହଂଚାଇବ ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ମୁଁ ଏହା କଦାପି କହିବି ନାହିଁ ଯେ ମୌଲବାଦୀ ଗୋଷ୍ଠୀମାନଙ୍କୁ ସହିନେବା ଉଚିତ୍ ବା ସେମାନେ ନିଜର ଭାବନା ଓ ବିଶ୍ୱାସକୁ ପାଳନ କରିବା ପାଇଁ ଅନୁମତି ଦେବା ଉଚିତ୍ । ଯେଉଁଠି ଯେବେ ବି କୌଣସି ବ୍ୟକ୍ତି ନିଜ ଧର୍ମକୁ ମୂଳଦୁଆ କରି ଅତ୍ୟାଚାର କରେ, ଅନ୍ୟାୟ କରେ, ଅନ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରେ, ଦେଶର କାନୁନ୍‌ର ଖିଲାପ କାର୍ଯ୍ୟ କରେ ବା କୌଣସି ପ୍ରକାରର ଦେଶର ଶାନ୍ତିକୁ ପ୍ରଭାବିତ କରେ ତେବେ ନିଶ୍ଚିତ ରୂପେ ସେ ସରକାର ଓ ସରକାରୀ କର୍ମକର୍ତାଙ୍କ ଜିମେଦାରୀ ଏହା ହେବା ଉଚିତ୍ ଯେ ସେ ସମସ୍ତ ଏପରି ନେଗେଟିଭ୍ କାର୍ଯ୍ୟଗୁଡିକୁ ଦୃଢ଼ ହସ୍ତରେ ଦମନ କରନ୍ତି । ଏପରି ଅବସ୍ଥାରେ ସରକାର, ଆସେମ୍ବଲିର ମେମ୍ବର୍ ଗଣ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକର୍ତାଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ରୂପେ ଉଚିତ୍ ହେବ ଯେ ଏପରି ଲୋକମାନଙ୍କର ମୂଳୋତ୍ପାଟନ କରନ୍ତୁ । ଏବଂ ଦେଶର କାନୁନ୍ ମୁତାବକ ସେମାନଙ୍କୁ ଦଣ୍ଡ ଦିଅନ୍ତୁ । ଏତଦ୍‌ବ୍ୟତୀତ ଯେଉଁମାନେ ଶାନ୍ତିପୂର୍ଣ୍ଣ ଭାବରେ ନିଜର ଧର୍ମ ଓ ବିଶ୍ୱାସ ଉପରେ ଅମଳ କରୁଛନ୍ତି ତାଙ୍କ କାର୍ଯ୍ୟ ଉପରେ ବିନା କାରଣରେ କୌଣସି ହସ୍ତକ୍ଷେପ କରନ୍ତୁ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ ଯେଉଁ ଇସ୍‌ଲାମ୍ ଉପରେ ବିଶ୍ୱାସ ଆଣିଛୁ ତାହା ଆମକୁ ଏହା ଶିକ୍ଷା ଦେଉଛି ଯେ ମୁସଲମାନ ହିସାବରେ ଆମେ ଦେଶ ସହିତ ପ୍ରେମ କରିବା ବିଶ୍ୱାସର ଏକ ଅଂଶ ବିଶେଷ ଅଟେ । ଇସ୍‌ଲାମ୍ ଶିକ୍ଷା ମୁତାବକ ଜଣଙ୍କର ଦେଶ ତାହା ଅଟେ ଯେଉଁଠାରେ ସେ ବସବାସ କରେ ଏବଂ ଯେଉଁଠାରୁ ସେ ଲାଭ ଉଠାଇଥାଏ । ତେଣୁ ଯେତେବେଳେ ଏପରି ଶିକ୍ଷା ମୁସଲମାନ ମାନଙ୍କ ହୃଦୟ ଓ ମସ୍ତିଷ୍କରେ ଦାଖଲ ହେବ ତା ପାଇଁ ଏହା କଷ୍ଟକର ହେବ ଯେ ସେ ନିଜର ଦେଶ ବିଷୟରେ କୌଣସି ପ୍ରକାରର ଖରାପ ଧାରଣା ରଖିବ ବା ନିଜ ଦେଶକୁ କୌଣସି ପ୍ରକାର କ୍ଷତି ପହଂଚାଇବାକୁ ଚାହିଁବ ।

ଇସ୍‌ଲାମ୍ ମୁତାବକ ନା କେବଳ ଦେଶର କାନୁନ୍ ଏପରି ଲୋକଙ୍କୁ ଦଣ୍ଡ ଦେବ ଯିଏ ନିଜ ଦେଶର ବିରୋଧରେ ଛିଡ଼ା ହୁଏ ବରଂ ଏପରି ଲୋକ ନିଶ୍ଚିତ ରୂପେ ଅଲ୍ଲାଃତାଲାଙ୍କ ନିକଟରେ ଉତର ଦେବେ । ଅଲ୍ଲାଃତାଲା ସେମାନଙ୍କର କୁକାର୍ଯ୍ୟ ଓ ଦେଶଦ୍ରୋହର ହିସାବ ନେବେ । ତେଣୁ ଜଣେ ପ୍ରକୃତ ମୁସଲମାନ୍‌କୁ ସବୁ ଯାଗାରେ ଡ଼ରିବାର ଆବଶ୍ୟକ ନାହିଁ । ନା କୌଣସି ସରକାରଙ୍କୁ ଆବଶ୍ୟକ ଯେ ସେ ସାଧାରଣ ଧର୍ମୀୟ ବିଷୟ ଏବଂ ଆଚାର ବ୍ୟବହାର ଖିଲାଫରେ କୌଣସି କାନୁନ୍ ବନାନ୍ତୁ ଯଦ୍ୱାରା ସମାଜରେ ଲୋକମାନଙ୍କର ବା ଦେଶକୁ କୌଣସି କ୍ଷତି ବା ଭୟ ନାହିଁ । ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତି ସ୍ୱାଧୀନତାର ଅଧିକାର ଅଛି ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ହୁକୁମତ୍ ଏବଂ ଆସେମ୍ବଲି ମେମ୍ବର୍‌ମାନଙ୍କର ଏହା କାମ ଅଟେ ଯେ ନିଜ ଜାତିର ସୁରକ୍ଷା କରିବା ପାଇଁ ସେମାନେ ନିଜ ନାଗରିକଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିବା ପରିବର୍ତେ ଏପରି କାନୁନ୍ ତିଆରି କରନ୍ତୁ ଯଦ୍ୱାରା ତାଙ୍କ ନାଗରିକ ମାନଙ୍କର ଅଧିକାର ପ୍ରତିଷ୍ଠା ହେବ । ଏହା ଉପରେ ଖୁବ୍ ଶିଘ୍ର କାର୍ଯ୍ୟ କରିବା ଉଚିତ୍ । ଯଦ୍ୱାରା ସମସ୍ତ ଲୋକମାନଙ୍କର ଅଧିକାର ଗୁଡିକୁ ପ୍ରତିଷ୍ଠା କରାଯାଇପାରିବ । ସେ ମୁସଲମାନ୍ ହୁଅନ୍ତୁ, ଇସାଇ ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ, ଶିଖ୍ ହୁଅନ୍ତୁ ବା ଆଉ କୌଣସି ଧର୍ମର ଲୋକ ହୁଅନ୍ତୁ ବା ନାସ୍ତିକ ହୁଅନ୍ତୁ । ପ୍ରତିଷ୍ଠା କରାଯାଇପାରିବ । ସେ ମୁସଲମାନ୍ ହୁଅନ୍ତୁ, ଇସାଇ ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ, ଶିଖ୍ ହୁଅନ୍ତୁ ବା ଆଉ କୌଣସି ଧର୍ମର ଲୋକ ହୁଅନ୍ତୁ ବା ନାସ୍ତିକ ହୁଅନ୍ତୁ । ଯେପରି ମୁଁ ପ୍ରଥମରୁ ଜଣାଇ ଦେଇଛି ଯେ ଏହା ବହୁତ ଦୁଃଖର କଥା ଅଟେ କି ମୁସଲମାନ ଦେଶ ଏବଂ କିଛି ଅଣ ମୁସ୍‌ଲିମ୍ ଉନ୍ନତ ଦେଶଗୁଡିକରେ ମଧ୍ୟ କିଛି ଏପରି ନିୟମ ତିଆରି କରିଦିଆଯାଇଛି ଯାହା ସ୍ୱାଧୀନତାର ମୂଳତତ୍ୱକୁ ସମ୍ପୂର୍ଣ୍ଣ କ୍ଷୁର୍ଣ୍ଣ କରୁଛି । ଯଦ୍ୱାରା ସାଧାରଣ ଲୋକଙ୍କ ମଧ୍ୟରେ ଅଶାନ୍ତି ଜନ୍ମ ନେଉଛି । ତେଣୁ ବଡ଼ବଡ଼ ଶକ୍ତିଶାଳୀ ଦେଶମାନଙ୍କୁ ଆବଶ୍ୟକ ଯେ ସେମାନେ ଦେଖାଣିଆ ଭାବେ କାର୍ଯ୍ୟ ନକରି ପ୍ରକୃତ ଚିତ୍ରକୁ ସାମନାରେ ରଖନ୍ତୁ ଏବଂ ନିଜ ଦେଶରେ କିପରି ଶାନ୍ତି ପ୍ରତିଷ୍ଠା କରିପାରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ସେମାନଙ୍କୁ ଆବଶ୍ୟକ ଯେ ସେ ସମସ୍ତଙ୍କୁ ବିଶ୍ୱାସ ଦିଅନ୍ତୁ କି ତାଙ୍କ ଦେଶ ଏବଂ ସଂସାରର ଅନ୍ୟଦେଶଗୁଡିକ ଏକତ୍ରିତ ହୋଇ

ସର୍ବଦା ଶାନ୍ତିପୂର୍ଣ୍ଣ ମାର୍ଗରେ ପରିଚାଳିତ ହେବେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ କିନ୍ତୁ ଏହା ଦୁର୍ଭାଗ୍ୟର କଥା ଯେ ସେମାନେ ଭବିଷ୍ୟତ ବିଷୟରେ ଚିନ୍ତା କରୁନାହାଁନ୍ତି । ଏପରି ଲାଗୁଛି ଯେ ବହୁତ ଶାସକ ଓ ଦେଶଗୁଡିକ କ୍ଷମତା ହାସଲ କରିବା ପାଇଁ ଏବଂ ଅନ୍ୟ ଉପରେ ନିଜର ଶ୍ରେଷ୍ଠତାକୁ ପ୍ରମାଣିତ କରିବା ପାଇଁ ଏକ ଯୁଦ୍ଧର ପ୍ରତିଯୋଗିତାରେ ଲାଗି ପଡ଼ିଛନ୍ତି । ଫଳତଃ କ୍ଷମତା ହାସଲ ଏବଂ ବଡ଼ପଣିଆର ଏହି ଭାବନା ଯୋଗୁଁ ସେମାନେ ନିଜ ନାଗରିକଙ୍କର ଧର୍ମୀୟ ମାମଲାରେ ହସ୍ତକ୍ଷେପ କରୁଛନ୍ତି । ଏପରି ପଲିସିର କୌଣସି ଆବଶ୍ୟକତା ନାହିଁ ଯାହା ସଂସାରବାସୀଙ୍କୁ ଅନିଶ୍ଚିତତା ଆଡ଼କୁ ଟାଣି ନେଉଛି । ଆମେ ତ ଏପରି ଅବସ୍ଥାରେ ବହୁତ କଠିନ ସମସ୍ୟାର ସମ୍ମୁଖୀନ ହେଉଅଛୁ ଯାହା ସମାଜରେ ଶାନ୍ତିପାଇଁ ବିପଦ ଅଟେ । ପୁଣି ଆର୍ଥିକ ଅବସ୍ଥା ମଧ୍ୟ ଦୁନିଆରେ ଅନିଶ୍ଚିତତା ଲାଗିରହିଛି । ସଂସାରରେ ବହୁତ ଭାଗରେ ଅସୁରକ୍ଷିତ ଏବଂ ଅଶାନ୍ତିର ମାହୋଲ ସୃଷ୍ଟି ହୋଇ ଚାଲିଛି । ଏହି ସବୁ ସମସ୍ୟା ନ୍ୟାୟ ସମାନତା ନ ହେବା ଯୋଗୁଁ ସୃଷ୍ଟି ହୋଇଛି ।

ହଜୁର୍ ଅନୱର ଅ:ବ:ଅ କହିଲେ:- ଆମେ ବର୍ତ୍ତମାନ ଅନୁଭବ କରୁଛୁ କି ଗ୍ଲୋବାଲ୍ ୱାର୍ମିଂର ଏକ ବଡ଼ କାରଣ ପାଶ୍ଚାତ୍ୟରେ ହୋଇଥିବା କଳ କାରଖାନା ଓ ବହୁମାତ୍ରାରେ ଜଙ୍ଗଲ ନଷ୍ଟ କରାଯିବା । ବର୍ତ୍ତମାନ ଏ ଦେଶଗୁଡିକ ଉନ୍ନତଶୀଳ ହୋଇ ଅନ୍ୟ କଳକାରଖାନା ଉପରେ କଟକଣା କରିବା ପାଇଁ ଚେଷ୍ଟା କରୁଛନ୍ତି । ଏପରି କାଇଦା କାନୁନ୍ ଚାଇନା ଓ ଭାରତ ପରି ମୁଣ୍ଡ ଟେକୁଥିବା ରଷ୍ଟ୍ରଗୁଡିକର ଉନ୍ନତି ଉପରେ ବାଧା ଦେବ । ତେଣୁ ଏହି ଦେଶ ଗୁଡିକ ସେହି କଟକଣା ଗୁଡିକ ଅନ୍ୟାୟ ରୂପେ ବିବେଚନା କରୁଛନ୍ତି ଏବଂ ଭାବୁଛନ୍ତି ଯେ ଏପରି ବଡ଼ ଶକ୍ତିଗୁଡିକ ତରଫରୁ ସେମାନଙ୍କ ଉନ୍ନତି ଉପରେ ଚାପ ପକାଉଛି । ତେଣୁ ଏପରି ସମସ୍ୟା କେବଳ ଭୌଗଳିକ ପରିସୀମାରେ ସିମୀତ ନୁହେଁ ବରଂ ଏହା ଦୁନିଆରେ ଅଶାନ୍ତି ପ୍ରସାର କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଆଚରଣ ଅଟେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ ବହୁତ କିଛି ସମସ୍ୟା ଅଛି ତାହା ସଂସାରକୁ ବୁଝିବାକୁ ହେବ ଯେ କେଉଁ ସମସ୍ୟାକୁ ପ୍ରଥମେ ସମାଧାନ କରିବା । ଗ୍ଲୋବାଲ୍ ୱାର୍ମିଂ ଏବଂ ଭୌଗଳିକ ପରିବର୍ତ୍ତନ ବା ସାମାଜିକ ସମସ୍ୟା ଉପରେ କଥା ହେବା ବା ସନ୍ତ୍ରାସବାଦ, କଠୋରବାଦୀଙ୍କ ଦ୍ୱାରା ଯୁଦ୍ଧକୁ ସବୁଠାରୁ ଉପରେ ରଖିବା ବା ଶିରିଆରେ ଘଟୁଥିବା ସମସ୍ୟାକୁ ଦେଖିବା ଯେଉଁଠି ରୁଷ୍ ଏବଂ ଆମେରିକା ଖୋଲାଖୋଲି ଭାବେ ଜଣେ ଅନ୍ୟ ଜଣଙ୍କ ବିରୁଦ୍ଧରେ କାମ କରୁଛନ୍ତି । ଏବେ ନିକଟରେ ୟମନ୍ ଓ ଆମେରିକାରେ ଘଟିଥିବା ବିବାଦକୁ ନେବା ?

ହଜୁର୍ ଅନୱର ଅ:ବ:ଅ କହିଲେ:- ମୋ ମତରେ ଆମ ସମ୍ମୁଖରେ ଏ ସମୟରେ ସବୁଠାରୁ ବଡ଼ ଜଟିଳ ଓ ଜରୁରୀ ସମସ୍ୟା ସଂସାରରେ ବ୍ୟାପିଥିବା ଅଶାନ୍ତି ଅଟେ । ଦୁଃଖର ବିଷୟ ଏହା ଯେ ମୁସଲମାନ୍ ଦେଶଗୁଡିକରେ ଏହା ହୋଇଚାଲିଛି । ଯଦିଚ ଅଲ୍ଲାଃତାଲା ଶାନ୍ତିପ୍ରତିଷ୍ଠା ପାଇଁ ବହୁତ ଉତମ ଶିକ୍ଷା ଦେଇଛନ୍ତି । ଉଦାହରଣ ସ୍ୱରୂପ କୋରାନ୍‌ର ସୋରା ମୁମିନୁନ୍‌ର ଆୟତ ନଂ-୯ରେ ଅଲ୍ଲାଃତାଲା କହୁଛନ୍ତି- 'ବାସ୍ତବିକ ମୋମିନ୍ ସେ ଅଟେ ଯିଏ ନିଜ ଅମାନତ୍ ଓ ପ୍ରତିଶୃତିର ଧ୍ୟାନ ରଖିଥାଏ'... ତେଣୁ ଯଦି ପବିତ୍ର କୋରାନ୍‌ର ଶିକ୍ଷା ଉପରେ ଅମଳ କରାଯିବ ତେବେ ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ କୌଣସି ପ୍ରକାର ଭେଦଭାବ ଓ ମତାନ୍ତର ଦେଖାଯିବ ନାହିଁ । ସେହିପରି ଅଲ୍ଲାଃତାଲା ସୁରା ମାଏଦାର ଆୟତ ନଂ-୯ ରେ କହୁଛନ୍ତି ଯେ ଯଦି ଗୋଟିଏ କଓମ୍ (ଜାତି) ବା ଜଣେ ବ୍ୟକ୍ତି ଓ ଅନ୍ୟ ଜାତି ଓ ବ୍ୟକ୍ତିଙ୍କ ମଧ୍ୟରେ ଶତୃତା ଥାଏ ତେବେ ମଧ୍ୟ ନ୍ୟାୟକୁ ହାତଛଡା କରାଯିବା ଉଚିତ୍ ନୁହେଁ ସେ ଯେଭଳି ପରିସ୍ଥିତି ହେଉ ମଧ୍ୟ...କ୍ରମଶଃ...

## ଜାମିଆ ଅହେମଦୀୟା କାଦିଆନ୍‌ରେ ନାମଲେଖା

ଜାମିଆ ଅହେମଦୀୟା କାଦିଆନ୍ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ସେହି ପବିତ୍ର ସଂସ୍ଥା ଅଟେ ଯେଉଁଥିରୁ ଏପର୍ଯ୍ୟନ୍ତ ଶହ ଶହ ଓଲେମା ଓ ମୋବାଲିଗିନେକରାମ୍ ବିଦ୍ୟା ଅର୍ଜନ କରି ଇସଲାମ୍‌ର ବାସ୍ତବିକ ଶିକ୍ଷାକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇବାର ଦାୟିତ୍ୱ ବହନ କରିଚାଲିଛନ୍ତି । ସୟଦ୍‌ନା ହଜୁର ଅନୱର୍ ଅ:ବ:ଅ ଅନେକ ସମୟରେ ଅହେମଦୀ ଶିକ୍ଷାର୍ଥୀଙ୍କୁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧର୍ମୀୟ ସଂସ୍ଥାରେ ଶିକ୍ଷା ଗ୍ରହଣ କରି ସିଲ୍‌ସିଲାର ସେବା କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି । ସୁତରାଂ ସୟଦ୍‌ନା ହଜୁର୍ ଅନୱର୍ ଅ:ବ:ଅ ଙ୍କ ନିର୍ଦ୍ଦେଶାନୁସାରେ ଅଧିକରୁ ଅଧିକ ୱାକିଫିନେ ନୌ ଏବଂ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଜାମିଆ ଅହେମଦୀୟାରେ ନାମଲେଖାଇ ଧର୍ମୀୟ ଶିକ୍ଷା ହାସଲ କରି ସିଲ୍‌ସିଲାର ଖିଦ୍‌ମତ୍ ପାଇଁ ନିଜକୁ ପେସ୍ କରିବା ଉଚିତ୍ । ତେଣୁ ସେହି ଶିକ୍ଷାର୍ଥୀମାନେ ଯିଏ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଚାହୁଁଛନ୍ତି ସେମାନେ ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) ବିଭାଗ ସହିତ ସମ୍ପର୍କ କରନ୍ତୁ । ଏବଂ ଯଥା ଶିଘ୍ର ଜାମିଆ ଅହେମଦୀୟାର ନାମ ଲେଖା ଫର୍ମ୍ ପୁରଣ କରି ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) କାର୍ଯ୍ୟାଳୟକୁ ପଠାନ୍ତୁ । ସୟଦ୍‌ନା ହଜୁର୍ ଅନୱର୍‌ଙ୍କ ମଞ୍ଜୁରୀରେ ଏହି ବର୍ଷର ଜାମଆ ଅହେମଦୀୟାରେ ନାମ ଲେଖାର କାର୍ଯ୍ୟକ୍ରମ ଅପ୍ରେଲ୍ ମାସଠାରୁ ଆରମ୍ଭ ହେଉଅଛି । ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀ ମେଟ୍ରିକ୍ ଏବଂ +୨ ର ପରୀକ୍ଷା ଶେଷ କରି ଫଳ ବାହାରିବା ପୂର୍ବରୁ ମଧ୍ୟ ଅପ୍ରେଲ, ମଇ, ଜୁନ୍ ଓ ଜୁଲାଇ ମାସରେ କାଦିଆନ୍ ଆସି ଜାମିଆ ଅହେମଦୀୟାର ପ୍ରବେଶ ପରୀକ୍ଷା ଦେଇପାରିବେ । ମାଟ୍ରିକ୍ ଏବଂ +୨ ଫଳ ବାହାରିବା ପରେ ମାର୍କସିଟ୍ ଦାଖଲ କରିପାରିବେ । ନାମଲେଖା ପାଇଁ ସର୍ତାବଳୀ ନିମ୍ନରେ ଦିଆଗଲା-

**(୧)** ମେଟ୍ରିକ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ବୟସ ସୀମା ୧୭ ବର୍ଷ ଏବଂ +୨ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ୧୯ ବର୍ଷ ଅଟେ । ବୟସ ସୀମାରେ ହୁଫାଜ୍ (ଯେଉଁମାନେ କୋରାନ୍ ହିଫଜ୍ କରିଥିବେ) କରାମ୍‌ଙ୍କ ନିମନ୍ତେ କୋହଳ ହୋଇପାରିବ ।

**(୨)** ଜାମିଆ ଅହେମଦୀୟାରେ ନାମ ଲେଖା ପାଇଁ ନ୍ୟାସିନ୍ୟାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନୌ ଭାରତ ଶିକ୍ଷାର୍ଥୀଙ୍କର ଇଂଟରଭ୍ୟୁ ଓ ଲିଖିତ ପରୀକ୍ଷା ନେବେ ଏବଂ ଜାମିଆ ଅହେମଦୀୟା ପାଇଁ ଚୟନ କରିବେ । ଲିଖିତ ପରୀକ୍ଷାରେ ପବିତ୍ର କୋରାନ୍, ଇସଲାମୀୟ ଅହେମଦୀୟତ, ଦୀନୀ ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ଜେନେରାଲ୍ ନଲେଜ୍ ସମ୍ପର୍କୀୟ ପ୍ରଶ୍ନମାନ ହେବ ।

**(୩)** ଲିଖିତ ପରୀକ୍ଷା ଓ ଇଂଟରଭ୍ୟୁରେ ସଫଳ ହୋଇଥିବା ଶିକ୍ଷାର୍ଥୀଙ୍କର ନୁର୍ ହସ୍‌ପିଟାଲ୍ କାଦିଆନ୍‌ରେ ମେଡିକାଲ୍ ଟେଷ୍ଟ୍ କରାଯିବ । ଲିଖିତ ପରୀକ୍ଷା, ଇଂଟରଭ୍ୟୁ ଓ ମେଡିକାଲ୍ ଟେଷ୍ଟରେ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ସୟଦ୍‌ନା ହଜୁର୍ ଅନୱର୍‌ଙ୍କ ମଞ୍ଜୁରୀ ଦ୍ୱାରା ଜାମିଆ ଅହେମଦୀୟାରେ ନାମ ଲେଖାଇ ଦିଆଯିବ ।

**(୪)** ଗ୍ରାଜୁଏସନ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାପାଇଁ ଅଗ୍ରାଧିକାର ଦିଆଯିବ ।

ଜିଲାଇ ଅମିର୍ ସାହେବ୍, ଅମିର୍ ଜମାତ୍, ସଦର୍ ଜମାତ୍, ମୋବୋଲ୍ଲିଗିନ୍ ଏବଂ ମୁଅଲ୍ଲିମିନ୍‌କରାମ୍ ଙ୍କୁ ଅନୁରୋଧ କରାଯାଉଛି ଯେ ସିଲ୍‌ସିଲାର ସେବା କରିବା ପାଇଁ ଇଚ୍ଛୁକ ଓ ପୁଣ୍ୟ ପ୍ରତି ଢଳୁଥିବା ଶିକ୍ଷାର୍ଥୀମାନଙ୍କୁ ଚୟନ କରି ସେମାନଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ପ୍ରସ୍ତୁତି କରାନ୍ତୁ ଏବଂ ଯଥାଶିଘ୍ର ଏପରି ଶିକ୍ଷାର୍ଥୀଙ୍କ ନାମ ଲେଖା ଫର୍ମ୍ ପୁରଣ କରାଇ ୱକ୍‌ଫେ ନୌ ଭାରତ କାର୍ଯ୍ୟାଳୟକୁ ପଠାନ୍ତୁ ।

**ନାମଲେଖା ଫର୍ମ ଇମେଲ୍ ଦ୍ୱାରା ମଗାଇବା ପାଇଁ ଠିକଣା**

qdnwaqfenau@gmail.com
Incharge Waqf-e-Nau Department
Office Waqf-e-Nau India (Nazarat Taleem)
M.T.A Building, Civil Line, Qadian
Dist-Gurdaspur, Punjab, India (PIN-143516)
Contact :- 01872-500975, 9988991775

(ନାଜର୍ ତାଲିମ୍ ଏବଂ ସଦର୍ ନ୍ୟାସ୍‌ନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନୌ ଭାରତ)

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 11 MAY 2017 Issue No. 19

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

**✶ ମାନବିକ ଅଧିକାର ଓ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ଗୋଷ୍ଠୀଙ୍କୁ ମିଳିମିଶି ଚେଷ୍ଟା କରିବା ଉଚିତ୍ । ✶ ଇସ୍‌ଲାମ୍‌ର ଶିକ୍ଷା ଉକ୍ତ ନାମର ଅନୁରୂପ । ଇସ୍‌ଲାମ୍ ଶବ୍ଦର ଅର୍ଥ ଶାନ୍ତି, ପ୍ରେମ ଓ ସହାନୁଭୂତି ଅଟେ ଓ ତାର ସମସ୍ତ ଶିକ୍ଷା ଏହିପରି ଉଚ୍ଚତମ ସ୍ତରର ଚତୁଃପାର୍ଶ୍ୱରେ ଘୁରିବୁଲୁଛି । ✶ ମୋର ଏହା ବିଶ୍ୱାସ ଏବଂ ମୋର ଏହା ଶିକ୍ଷା ଅଟେ ଯେ ପ୍ରତ୍ୟେକ ମନୁଷ୍ୟ ସେ କୌଣସି ଦେଶ, ସହର, କସ୍‌ବା ବା କୌଣସି ଗ୍ରାମ ସହିତ ସମ୍ପର୍କ ରଖନ୍ତୁନା ନାହିଁକି ତାଙ୍କୁ ଯେ କୌଣସି ଧର୍ମ ଗ୍ରହଣ କରିବା ଓ ତା ଉପରେ ଅମଲ କରିବାର ମୂଳ ଅଧିକାର ଅଛି । ଏବଂ ପ୍ରତ୍ୟେକଙ୍କ ଏ ଅଧିକାର ମଧ୍ୟ ଅଛି ଯେ ସେ ଶାନ୍ତିପ୍ରିୟ ମାର୍ଗରେ ନିଜ ଧର୍ମର ପ୍ରଚାର କରିପାରିବ ।**

ତା-୧୭ ଅକ୍ଟୋବର ୨୦୧୬ ରିଖ ଦିନ ହଜୁର ଅନୁଓ୍ୱର ଅ:ବ:ଅ କାନାଡ଼ାର ପାର୍ଲିଆମେଂଟ୍ ‘‘ପାର୍ଲିଆମେଂଟ୍ ହିଲ୍’’ରେ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍‌ଙ୍କୁ ପାର୍ଲିଆମେଂଟ୍‌ରେ ଭବ୍ୟ ସ୍ୱାଗତ କରାଗଲା । ପାର୍ଲିଆମେଂଟ୍‌ରେ ବିଭିନ୍ନ ସିନେଟ୍ ଓ ମିନିଷ୍ଟର୍ ହଜୁର୍‌ଙ୍କ ସହିତ ସାକ୍ଷାତ୍ କଲେ । ହଜୁର୍ ଅନୁଓ୍ୱର ପାର୍ଲିଆମେଂଟ୍‌ରେ ଦୁନିଆର ଅବସ୍ଥା ଏବଂ ଶାନ୍ତି ପ୍ରତିଷ୍ଠା ପ୍ରସଙ୍ଗରେ ବିଜ୍ଞତାପୂର୍ଣ୍ଣ ଭାଷଣ ପ୍ରଦର୍ଶନ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣକୁ ଜ୍ଞାନୀ, ରାଜନିତୀଜ୍ଞ ଏବଂ ଜୀବନର ବିଭିନ୍ନ ବିଭାଗରେ ସମ୍ପର୍କ ରଖିଥିବା ଲୋକମାନେ ବହୁତ ପସନ୍ଦ କଲେ ଏବଂ ନିଜର ସୁନ୍ଦର ଭାବ ବ୍ୟକ୍ତ କଲେ । ହଜୁର୍ ଅନୁଓ୍ୱର୍‌ଙ୍କର ଉକ୍ତ ଦିନର କାର୍ଯ୍ୟାବଳୀ ବହୁତ ଇମାନ୍ ଅଫରୋଜ୍ ଥିଲା । ତେଣୁ ପାଠକଙ୍କ ନିମନ୍ତେ ଉକ୍ତ ଦିନର ସମ୍ପୂର୍ଣ୍ଣ କାର୍ଯ୍ୟାବଳୀ ଆସନ୍ତା କିଛି ଅଙ୍କରେ ଧାରାବାହିକ ରୂପେ ପ୍ରକାଶ କରାଯାଉଅଛି । (ଏଡ଼ିଟର୍)

**ଷଷ୍ଠ ଭାଗ**

ହଜୁର୍ ଅନୁଓ୍ୱର ଅ:ବ:ଅ ଠିକ୍ ୭ ଟା ସମୟରେ ଇଂରାଜୀରେ ନିଜର ଭାଷଣ ଦେଲେ ।

**ଭାଷଣ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ- ବିସ୍‌ମିଲ୍ଲାଃ ହିର୍ ରହ୍‌ମା ନିର୍‌ରହିମ୍ । ଅଲ୍ଲାଃତାଲାଙ୍କ ନାମ ସହିତ ମୁଁ ଆରମ୍ଭ କରୁଅଛି ଯିଏ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଅଟନ୍ତି ।

ସମସ୍ତ ସମ୍ମାନୀୟ ଅତିଥିବୃନ୍ଦ ! ଅସ୍‌ଲାମୋ ଆଲୈକୁମ୍ ଓ୍ୱରହମତୁଲ୍ଲାହେ ଓ୍ୱ ବର୍‌କାତୁହୁ । ଆପଣ ସମସ୍ତଙ୍କ ଉପରେ ଅଲ୍ଲାତାଲାଙ୍କ ଦୟା ଓ କରୁଣା ଅବତୀର୍ଣ୍ଣ ହେଉ । ସର୍ବପ୍ରଥମେ ମୁଁ ଆପଣ ସମସ୍ତଙ୍କର ଏବଂ ବିଶେଷ ରୂପେ ଜୋଡ଼ି ସିଗ୍ରୋ ସାହାବାଙ୍କୁ ଧନ୍ୟବାଦ ଦେଉଅଛି ଯେ ଆପଣମାନେ ମୋତେ ଏଠାକୁ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:-ମୁଁ କୌଣସି ରାଜନୈତିକ ବ୍ୟକ୍ତି ନୁହେଁ ଏବଂ ନା କୌଣସି ରାଜନିତୀ ଗୋଷ୍ଠୀର ଲିଡ଼ର୍ ନହେଁ । ବରଂ ବିଶ୍ୱବ୍ୟାପି ଯମାତ୍ ଅହେମଦୀୟା ମୁସଲ୍‌ମାନ ମାନଙ୍କର ମୁଁ ହେଉଛି ମୁଖ୍ୟ ଯାହା ସମ୍ପୂର୍ଣ୍ଣ ରୂପେ ଧର୍ମୀୟ ଆଧ୍ୟାତ୍ମିକ ଯମାତ୍ ଅଟେ । ଆମର ଯେକୌଣସି ସମ୍ପ୍ରଦାୟର ହେଉପଛେ ଆମେ ସମସ୍ତେ ମାନବବାଦ ପାଇଁ ଏକାଠି ହୋଇଛେ । ମାନବିକ ଅଧିକାର ଓ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ଗୋଷ୍ଠୀଙ୍କୁ ମିଳିମିଶି ଚେଷ୍ଟା କରିବା ଉଚିତ୍ । ଯଦି କୌଣସି ମାନବିକ ଅଧିକାର ଓ ମାନବିକତାର କୌଣସି ଦେଶରେ ବା ଇଲାକାରେ କ୍ଷୁର୍ଣ୍ଣ କରାଯାଏ ତେବେ ତା ଦ୍ୱାରା ସଂସାରର ଅନ୍ୟ ଭାଗମାନ ମଧ୍ୟ ପ୍ରଭାବିତ ହୋଇଥାନ୍ତି । ଏପରି ଅତ୍ୟାଚର ପୁଣି ବଢ଼ି ବଢ଼ି ଚାଲିଥାଏ । ସେହିପରି ଦୁନିଆର କୌଣସି ଏକ ଦେଶରେ ବା ଇଲାକାରେ ମାନବାଧିକାର ପ୍ରତିଷ୍ଠା ହୁଏ, ଉତମ କାର୍ଯ୍ୟ ସୁଖଦ ଅବସ୍ଥା ଦେଖାଯାଏ ତେବେ ତାହାର ଯୁକ୍ତାତ୍ମକ ପ୍ରଭାବ ସଂସାରର ଅନ୍ୟ ଇଲାକାର ଲୋକମାନଙ୍କ ଉପରେ ପଡ଼ିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏବେ ପ୍ରତ୍ୟହ ଯୋଗାଯୋଗର ନୁଆ ନୁଆ ବସ୍ତୁ ଓ ଯାତ୍ରା ପାଇଁ ନୁଆ ନୁଆ ଉପାୟ ଦ୍ୱାରା ଆମେ ନିଜ ଭିତରେ ବହୁତ ନିକଟକୁ ଆସିଗଲୁଣି । ଭୌଗଳିକ ବାଡ଼ବନ୍ଦିରେ ବନ୍ଧା ହୋଇନାହୁଁ । କିନ୍ତୁ ଦୁଃଖର ବିଷୟ ଏହା ଯେ ଜଣେ ଅନ୍ୟ ଜଣଙ୍କ ସହିତ ଯୋଡ଼ି ହେବା ସତ୍ତ୍ୱେ ଆମେ ପ୍ରତ୍ୟେକ ଦିନ ଏକ ଆରେକଠୁ ଦୂରେଇ ଯାଉଛୁ । ଏହା ବହୁତ ଦୁଃଖର ବିଷୟ ଯେ ଆମେ ସମସ୍ତେ ଏକାଠି ହେବା ଓ ସମସ୍ତ ଲୋକଙ୍କ ମଧ୍ୟରେ ପ୍ରେମ ବିସ୍ତାର କରିବା ପରିବର୍ତେ ଦୁନିଆରେ ଘୃଣା, ଅତ୍ୟାଚର ଓ ଅନ୍ୟାୟକୁ ପ୍ରସାର କରିବା ପାଇଁ ଲାଗି ପଡ଼ିଛୁ । ଲୋକମାନେ ନିଜର ଅସଫଳତାର ଶ୍ରେୟ ନିଜ ଉପରେ ନେବାକୁ ପ୍ରସ୍ତୁତ ନୁହଁନ୍ତି । ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ଉପରେ ଦୋଷ ଲଦୁଛି ଏବଂ ନିଜ ବ୍ୟତୀତ ପ୍ରତ୍ୟେକଙ୍କୁ ଦୁନିଆରେ ବିଶୃଙ୍ଖଳ ଓ ଯୁଦ୍ଧର ଆବାହକ ବୋଲି ବିବେଚନା କରୁଛି । ଆମେ ବର୍ତମାନ ସମୟରେ ବହୁତ ଅନିଶ୍ଚତତାର ଘଡ଼ିସନ୍ଧି ମୁହୁର୍ତରେ ଅତିବାହିତ କରୁଛୁ । କେହି ମଧ୍ୟ ସଠିକ୍ ଅନୁମାନ କରିପାରିବେ ନାହିଁ ଯେ ଆମର ଏହି କାର୍ଯ୍ୟଗୁଡିକର ଅସ୍ଥାୟୀ ବା ସ୍ଥାୟୀ ପରିଣାମ କଣ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ବର୍ତମାନ ସମୟରେ ଯେତେବେଳେ ଇସ୍‌ଲାମ୍‌ର ଭୟ ଦୁନିଆରେ ବଢ଼ି ଚାଲିଛି ମୁଁ ଆପଣମାନଙ୍କୁ ବିଶ୍ୱାସ ଦେବାକୁ ଚାହେଁ ଯେ ଇସ୍‌ଲାମ୍ ଏପରି ନୁହେଁ ଯେପରି ଆପଣମାନେ ମିଡ଼ିଆ ଦ୍ୱାରା ଶୁଣୁଛନ୍ତି ବା ଦେଖୁଛନ୍ତି । ମୋର ଯେତିକି ଇସ୍‌ଲାମ୍‌ରେ ଜ୍ଞାନ ଅଛି ତାହା ଏପରିକି ଇସ୍‌ଲାମ୍‌ର ଶିକ୍ଷା ତାର ନାମର ଅନୁରୂପ । ଇସ୍‌ଲାମ୍ ଶବ୍ଦର ଅର୍ଥ ପ୍ରେମ, ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ଅଟେ । ତାର ସବୁ ଶିକ୍ଷା ଏପରି ଉଚ୍ଚସ୍ତରର ପରିଧିରେ ଘୁରି ବୁଲୁଛି । କିନ୍ତୁ ଆମେ ଏହା ମଧ୍ୟ ଅସ୍ୱୀକାର କରିପାରିବା ନାହିଁ ଯେ କିଛି ମୁସଲ୍‌ମାନ ଗୋଷ୍ଠୀ ଏପରି ଅଛନ୍ତି ଯାହାଙ୍କ ବିଶ୍ୱାସ ଓ କାର୍ଯ୍ୟକଳାପ ଦୁର୍ଭାଗ୍ୟ ବଶତଃ ଏହି ଶିକ୍ଷାର ବିପରୀତ ଅଟେ । ଯାହା ଇସ୍‌ଲାମୀ ମୂଳ ଶିକ୍ଷାର ଖିଲାଫ ହୋଇ ଇସ୍‌ଲାମ୍ ନାମରେ ଜୁଲମ୍ ଏବଂ ସନ୍ତ୍ରାସବାଦ କାର୍ଯ୍ୟକଳାପ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ....*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan